# ଦୃଷ୍ଟି ଆଢୁଆଳରେ ଗୁଡ଼ହାଣ୍ଡି ଡୋକରୀଚଞ୍ଚରା

କୋକସରା,୧୦।୧୨(ଡି.ଏନ.ଏ.)

ଆଉ ଦିନ କେଇଟା ପରେ ନୂଆବର୍ଷ। ଏହାକୁ ଧୁମଧାମରେ ମନାଇବା ପାଇଁ ସମସ୍ତଙ୍କ ମନରେ ଭରି ରହିଛି ଉତ୍କଣ୍ଠା। ବିଶେଷ କରି ବଣଭୋଜି କରିବା ପାଇଁ ଦରକାର ପଡେ ଏମିତି ଏକ ସ୍ଥାନ ଯେଉଁଠି ବଣଭୋଜି ସହିତ ପ୍ରକୃତି ରାଣୀ କୋଳରେ ଦିନଟିଏ ଅତିବାହିତ କରିବା ପାଇଁ ସୁଯୋଗ ଥିବ। ପ୍ରକୃତି ରାଣୀର ଏକ ମନୋରମ ଓ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀ ହେଉଛି ଗୁଡହାଣ୍ଡି ଡୋକରୀ ଚଞ୍ଚରା। ଯେଉଁଠି ପ୍ରକୃତି ରାଣୀ ତାର ପସରାରେ ସଜାଇ ରଖିଛି ନିଆରା ଅନୁଭୂତି। କଳାହାଣ୍ଡି ଓ ନବରଙ୍ଗପୁର ସୀମାନ୍ତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳୀ ଏବେ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି। ଚାରିଆଡେ ପାହାଡ ଓ ଜଙ୍ଗଲ ମଝିରେ ପଥରର ଏକ ବିସ୍ତୀର୍ଣ୍ଣ ଚଟାଣ। ଯେଉଁ ଚଟାଣ ଉପରେ ଝରଣା କୁଳୁକୁଳୁ ନାଦ କରି ବହିଯାଏ। ଚଟାଣର ଦୁଇ କଡରେ ଥିବା ଦୁଇ ସୁଉଚ୍ଚ ଜଳ ପ୍ରପାତ ହେଲା ଡୋକରୀ ଦର ଓ ଭଁଏରା ଘୁମର। ପାହାଡ ଦେଶରୁ ଝରି ପଡୁଥିବା ପାଣି ଦିନରେ ମଧ୍ୟ ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରେ। ପୁଣି ସୁଉଚ୍ଚରୁ ଝରି ପଡୁଥିବା ଦୁଇ ଜଳ ପ୍ରପାତର ପାଣିରେ ଗାଧେଇବାର ମଜା ଅତ୍ୟନ୍ତ ନିଆରା। ଏଠାକାର ମନୋରମ ପରିବେଶ ପର୍ଯ୍ୟଟକଙ୍କ ଖୁସିକୁ ଦ୍ୱିଗୁଣିତ କରିଦିଏ। ଏହାବ୍ୟତୀତ ପ୍ରାଗ୍ ଐତିହାସିକ ଗୁମ୍ଫା ଗୁଡହାଣ୍ଡି ଏକ ଐତିହାସିକ କିମ୍ବଦନ୍ତୀ। ପ୍ରାଗ୍ ଐତିହାସିକ ଯୁଗର କିଛି ଶିଳାଲିପି ଏଠାରେ ଦେଖିବାକୁ ମିଳେ। ଏହାବ୍ୟତୀତ ଏଠାରେ ରହିଛି ଏକ ଭବ୍ୟ ରାମମନ୍ଦିର, ପୂଣ୍ୟକୁଣ୍ଡ, ସୀତାପାଦ, ଋଷି ଗୁମ୍ଫା, ବଟ ବୃକ୍ଷ, ବିଭୂତି କୁଣ୍ଡ ଭଳି ପୌରାଣିକ କଥା ବହନ କରୁଥିବା ଅନେକ କିମ୍ବଦନ୍ତୀ। ଜନଶ୍ରୁତିରୁ ଜଣାପଡେ, ପ୍ରଭୁ ଶ୍ରୀରାମ ବନବାସ ସମୟରେ କିଛି ସମୟ ଏଠାରେ ଅତିବାହିତ କରିଥିଲେ।


ଡୋକରୀଦର ଜଳ ପ୍ରପାତ।


ଭଁଏରା ଘୁମର ଜଳ ପ୍ରପାତ।

ଶ୍ରୀରାମ ନବମୀ ସମୟରେ ଏଠାରେ ସାତ ଦିନ ଧରି ଶ୍ରୀରାମଙ୍କ କଥାମୃତ ସହିତ ଲକ୍ଷାଧିକ ଭକ୍ତଙ୍କ ଭିଡ ଦେଖିବାକୁ ମିଳେ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରାଯାଇଛି।

**ଆସ ବୁଲିଯିବା**

ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ପ୍ରଚେଷ୍ଟାରେ ୧ କୋଟି ଟଙ୍କା ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯୋଗାଇ ଦିଆଯାଇଛି। ସେହିପରି ଧର୍ମଗଡ ବିଧାୟକ ମୌଷଧି ବାଗ ଡବ୍ଲୁଓଡିସିରୁ ୫୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ୨୦ଲକ୍ଷ ଟଙ୍କା ଓ ରାଜ୍ୟସଭା ସଦସ୍ୟ ସୁଜିତ କୁମାର ୧୦ ଲକ୍ଷ ଟଙ୍କା ଏହାର ବିକାଶ ପାଇଁ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏବେ ଏହାର ସୌନ୍ଦର୍ଯ୍ୟକରଣ ଚାଲିଛି। କିନ୍ତୁ ଏହାର ପ୍ରଚାର ସାଙ୍ଗକୁ ସୌନ୍ଦର୍ଯ୍ୟକରଣ ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଦୃଷ୍ଟି ଆଢୁଆଳରେ ଥିବା ଏହି ପର୍ଯ୍ୟଟନସ୍ଥଳୀର ବିକାଶ ଦିଗରେ ସରକାର ପଦକ୍ଷେପ ନେଲେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରନ୍ତା।

ରିପୋର୍ଟ: ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ
କୋକସରା, କଳାହାଣ୍ଡି

### କେମିତି ଯିବେ

କଳାହାଣ୍ଡି ଜିଲା ସଦର ମହକୁମା ଭବାନୀପାଟଣାଠାରୁ ୨୬ ନମ୍ବର ଜାତୀୟ ରାଜପଥ କୋକସରା ବ୍ଲକର ବୋବରିଆ ଛକଠାରୁ ଡେଙ୍ଗାଗୁଡା, ଦର୍ଲିପଡା, ଧୋବେନପଡା, ଖଳିଗଡ ଦେଇ ୨୦ କି.ମି ଅତିକ୍ରମ କଲା ପରେ ଏହି ପର୍ଯ୍ୟଟନସ୍ଥଳୀରେ ପହଞ୍ଚି ହେବ। ସେହିପରି ଆମପାଣିରୁ ବିଜୁ ଏକ୍ସପ୍ରେସ ୱେ ଦେଇ ମଧ୍ୟ ଯାଇ ହୁଏ।

### ସେମାନେ ଯାହା କୁହନ୍ତି...



“ଗୁଡହାଣ୍ଡି ଡୋକରୀ ଚଞ୍ଚରାରେ ବିଭିନ୍ନ ଦର୍ଶନୀୟ ସ୍ଥାନ ରହିଛି। ନୂଆବର୍ଷ ପାଖେଇ ଆସିବାରୁ ଏବେ ପର୍ଯ୍ୟଟକ ବହୁ ସଂଖ୍ୟାରେ ଆସୁଛନ୍ତି। ଅଧିକାଂଶ ଏଣେ ତେଣେ ଆବର୍ଜନା ଫିଙ୍ଗି ଦେଇ ପରିବେଶ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳୁଛି। ତେଣୁ ପର୍ଯ୍ୟଟକଙ୍କୁ ସଚେତନ କରିବା ସହ ଗୋଟାଏ ଲେଖାଏ ପଲିଥିନ କମିଟି ତରଫରୁ ଦିଆଯାଇ ଅଳିଆ ଆବର୍ଜନା ସେଠାରେ ଫିଙ୍ଗିବା ପାଇଁ କହୁଛୁ।

**ଭଦ୍ରେଶ୍ୱର ପାତ୍ର, ସଭାପତି**
**ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି**



“୧୯୭୨ ମସିହାରୁ ଉକ୍ତ ପର୍ଯ୍ୟଟନସ୍ଥଳୀକୁ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ଆଗମନ ବଢିବାରେ ଲାଗିଛି। ଏହାଭିତରେ ୫୦ ବର୍ଷ ହୋଇ ଯାଇଥିବାରୁ ଆମେ ଗତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିଲୁ। ଏଠାକୁ ଆସିବା ପାଇଁ ସଂକୀର୍ଣ୍ଣ ରାସ୍ତା ରହିଛି। ଏଣୁ ରାସ୍ତା ସୁବିଧା ସହ ଆଲୋକୀକରଣ, ଯାତ୍ରୀ ନିବାସ ଜରୁରୀ ଅଛି। ସରକାର ଦୃଷ୍ଟି ଦେଲେ ଏହାର ବିକାଶ ହୋଇପାରନ୍ତା।

**ଘନଶ୍ୟାମ ନାଏକ,ସମିତି ସଭ୍ୟ**
**ମହିମା ଗ୍ରାମ ପଞ୍ଚାୟତ, କୋକସରା**



“ଐତିହାସିକ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାର ଆଖିଦୃଶିଆ ବିକାଶ ହୋଇପାରିନାହିଁ। ରାଜ୍ୟ ସରକାର ଉପକୂଳ ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ତଥା ମନ୍ଦିରର ଉନ୍ନତି ଦିଗରେ ଯେଭଳି ପଦକ୍ଷେପ ନେଉଛନ୍ତି ସେଭଳି ଏହି ଅଞ୍ଚଳର ବିକାଶ ପାଇଁ ଅନୁଦାନ ମଞ୍ଜୁର କରିବା ଆବଶ୍ୟକ ରହିଛି। ଏ ଅଞ୍ଚଳରେ ଥିବା ପ୍ରାଚୀନ ଶ୍ରୀକାଳେଶ୍ୱର ଶିବ ମନ୍ଦିର, ବୁଢାରାଜା ମନ୍ଦିର, କରକ ଜଳପ୍ରପାତ ଓ ଶିଳ୍ପୀ ଗ୍ରାମ କନ୍ଦାଗଡକୁ ଏଥିରେ ସାମିଲ କଲେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସାଙ୍ଗକୁ ଲୋକଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇପାରନ୍ତା। ପ୍ରାଗ୍ ଐତିହାସିକ ଯୁଗର ଗୁଡହାଣ୍ଡି ଶିଳାଲିପି ବର୍ତ୍ତମାନ ବିଲୁପ୍ତ ହେବାକୁ ବସିଛି। ଆନ୍ତରିକତାର ସହ ଏହାର ସୁରକ୍ଷା ପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି।

**ଆଦିତ୍ୟ ପଣ୍ଡା ,ଶିକ୍ଷାବିତ**
**ବଡ କେନ୍ଦୁଗୁଡା,କୋକସରା**



“ଉକ୍ତ ପର୍ଯ୍ୟଟନସ୍ଥଳୀରେ ପୂଣ୍ୟକୁଣ୍ଡ ରହିଛି। ଏଠାରେ ଗାଧୋଇଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଠାକୁ ପଞ୍ଚୁ ପାଣ୍ଡବ ଆସିଥିଲେ। ଏହା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୀଠ। ଏଠାରେ ଡୋକରୀଦର ଜଳପ୍ରପାତ ରହିଛି। ସରକାରଙ୍କୁ ଅର୍ଥ ମଞ୍ଜୁର କରିବା ପାଇଁ ଆମ କମିଟି ପକ୍ଷରୁ ନିବେଦନ କରିଥିଲୁ। ଅର୍ଥ ଯୋଗାଇ ଦେବା ଫଳରେ ଫରେଷ୍ଟ ଡିପାର୍ଟମେଣ୍ଟ ପକ୍ଷରୁ ଡୋକରୀଦର ଜଳ ପ୍ରପାତକୁ ଯିବା ପାଇଁ ପାହାଚ ନିର୍ମାଣ କରାଯାଇଛି । ଆମ କମିଟି ପକ୍ଷରୁ ଏହାର ତଦାରଖ କରାଯାଉଛି।

**ଅଇରୀ ନାଶନ ଚିନ୍ଦା,ଉପ ସଭାପତି**
**ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି**

## ରିଷିଡା କପ ଫୁଟବଲ: ଫାଇନାଲରେ ପ୍ରବେଶ କଲା ତୁର୍ଲା ଦଳ

କର୍ଲାମୁଣ୍ଡା,୧୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ରିଷିଡା ଯୁବାମଞ୍ଚ ପକ୍ଷରୁ ବାପୁଜୀ ମିନି ଷ୍ଟାଡିୟମଠାରେ ଚାଲିଥିବା ରିଷିଡା କପ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଷଷ୍ଠ ଦିନ ମ୍ୟାଚ ତଥା ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ତୁର୍ଲା(ଟିଟିଲାଗଡ଼) ଓ ଜୁନାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ ଗୋଲରେ ତୁର୍ଲା( ଟିଟିଲାଗଡ଼) ଦଳ ବିଜୟୀ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଜବାହଲ ସରପଞ୍ଚ ଅରବିନ୍ଦ ଗହୀର, ରିଷିଡା ସମିତି ସଭ୍ୟ ନିମାଇଁ ଚରଣ ବେହେରା, ଯୁବ ସାମାଜିକ କର୍ମୀ ପ୍ରଦୀପ ଗହୀର, ଜିଲା ଯୁବ ବିଜେଡି କାର୍ଯ୍ୟକାରୀ ସଭ୍ୟ ଚିନ୍ମୟ ମିଶ୍ର, କମ୍ୱୁପାଣି ସାହୁ, ସତ୍ୟନାରାୟଣ କୁମାର, ନରୋତ୍ତମ ସେଲମା, ଯୁବାମଞ୍ଚ ସଭାପତି ରଞ୍ଜନ ନାଏକ, ସମ୍ପାଦକ ବୁଲୁ ଭୋଇ, ଉପ ସଭାପତି କୈଳାସ କୁମୁରା, ଗିରିଶ ଚନ୍ଦ୍ର ସୁନା, ଲିପୁନ ରଣା, ସୋନୁ ରଣା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଲଳିତ ସାହୁ, ଲଳିତ ଦାସ, ପିଙ୍କୁ ଚନ୍ଦନ ଯୋଗ ଦେଇଥିଲେ। ସ୍କୋରର ଭାବେ ଗୋବର୍ଦ୍ଧନ ମାଝୀ, ରଶ୍ମିରଞ୍ଜନ ଲେଙ୍କା ରହିଥିବା ବେଳେ ମଧୁସୂଦନ ବାଗ ଓ କମ୍ୱୁପାଣି ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ ତୁର୍ଲା (ଟିଟିଲାଗଡ଼) ଓ ଡୁଷୁରା ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

## ୨୩୪ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ



ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି।

ଜୁନାଗଡ଼,୧୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ଆରଏମସି ପରିସରରେ ଅଞ୍ଚଳର ୨୩୪ ଜଣ ଦିବ୍ୟାଙ୍ଗଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ପ୍ରଗତି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ସ୍ମୃତିରେ ପ୍ରଗତି ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନ ଓ ଭୁବନେଶ୍ୱର ବେହେରା ମେମୋରିଆଲ ଯୁଥ ଅର୍ଗାନାଇଜେଶନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ, ବିଶିଷ୍ଟ ଅତିଥି ଭାବେ ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ, ସମ୍ମାନିତ ଅତିଥି ଭାବେ ପ୍ରଗତି ଶିକ୍ଷାନୁଷ୍ଠାନର ସମ୍ପାଦକ ଅଜୟ ପଣ୍ଡା, ବିଜୟ ପଣ୍ଡା, ୱାଇଆରସି ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା,ସାମାଜିକ କର୍ମୀ ଚିନ୍ମୟ ବେହେରା,ଯୁବ ସଂଗଠକ ପ୍ରଭାତ ଦାଶ, ଜୟନ୍ତ କୁମାର ଜେନା, ଦେବେନ୍ଦ୍ର ବିଶି, ବିଭୁ ପ୍ରସାଦ ପାଢ଼ୀ, କେ. ପାଣିଗ୍ରାହୀ, କାଳିନ୍ଦୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱର ବେହେରା ମେମୋରିଆଲ ଅର୍ଗାନାଇଜେଶନର ସଂପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପୂର୍ବତନ ସଭାପତି ସଞ୍ଜୀବ କୁମାର ଠାକୁର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସଂଯୋଜକ ବସନ୍ତ କୁମାର ନାଏକ ଧନ୍ୟବାଦ ଦେଇଥିଲେ। ଅର୍ଗାନାଇଜେଶନ ସଂପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭବାନୀପାଟଣା,୧୦।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ଶୁକ୍ରବାରଠାରୁ ସ୍ମାରକୀ ନାଟ୍ୟ ସଂସ୍ଥା ପକ୍ଷରୁ ଚାଲିଥିବା ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୨ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିନର ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀ, ସମ୍ମାନିତ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଭାସ ଚନ୍ଦ୍ର ମିଶ୍ର, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ବିଶିଷ୍ଟ ମଞ୍ଚ ଅଭିନେତା ଅଶୋକ କୁମାର ପାତ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ କାଇଟ ଏକ୍ଟରସ ଷ୍ଟୁଡିଓ ଭୋପାଲର କଳାକାରମାନଙ୍କ ଦ୍ୱାରା ଏକ କାଳ୍ପନିକ ରୋମାଣ୍ଟିକ ହାସ୍ୟ ନାଟକ 'ରଙ୍ଗ ରସିଆ' ପ୍ରଦର୍ଶିତ ହୋଇଥିଲା। ସାହେବ ନୀତିଶ ନାଟକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ସାହେବ ନୀତୀଶ, ଐଶର୍ଯ୍ୟା ବିଶ୍ୱନାଥ, ରୋହିତ ରାଜ, ଆର୍ଯ୍ୟ ମିଶ୍ର, ଅର୍ଜୁନ ଠାକୁର, କ୍ରିତିକା ଶାକିଆ, ନରେଶ ପାୱାର, ରଶ୍ମି ମଲୋର, ଆଇକା କୁମାୱାଟ, ଶୁଭମ ଯୋଶୀ, ଓସାମା ଖାନ, ଆଦିତ୍ୟ ପ୍ରଜାପତି, ପ୍ରିୟ୍ବ ଅଗ୍ନିହୋତ୍ରୀ ଏବଂ ସନ୍ତୋଷ ମଣ୍ଡଳ ପ୍ରମୁଖ ଅଭିନୟ କରିଥିଲେ। ଆଲୋକରେ ଅଙ୍କିତା ଦୁବେ ଓ ସଙ୍ଗୀତରେ ରାଘବ କୁମାର ସହାୟତା କରିଥିଲେ। କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ମୁଣ୍ଡ ପରିଚାଳନା କରିଥିଲେ। ଏଥିରେ ଅଭିନେତା ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ଆଶୁତୋଷ ପୁରୋହିତ, ଶୁଭମ ବେହେରା, ତଥାଗତ ମିଶ୍ର, ଏସ.ଆର. ଜେନା, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ, ଭାର୍ଗବୀ ତ୍ରିପାଠୀ, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, ଦୀପକ ଶର୍ମା, ପୁଷ୍ପାଞ୍ଜଳି ଦୀପ, ସୁଶୀଲ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

### ପ୍ରଦର୍ଶିତ ହେଲା ନାଟକ ରଙ୍ଗରସିଆ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆଜାଦ୍


@ ରତିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା

ଦେଓଗାଁ, ୧୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟର ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରିଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ସମନ୍ୱେତା ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ସମ୍ମାନୀତ ଅତିଥି ପୋଲିସ ଏସଆଇ ମନୋଜ କୁମାର ମୁଣ୍ଡା ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ଉତ୍ସବରେ ବରିଷ୍ଠ ବିଭାଗରେ ୮୦ ଓ କନିଷ୍ଠ ବିଭାଗରେ ୨୧୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବାଳକ ବିଭାଗରେ ପ୍ରିତମ ଭୁଏ ଓ ବରିଷ୍ଠ ବାଳିକ ବିଭାଗରେ ଜାଗୃତି ବାଗ ଚାମ୍ପିୟନ ହୋଇଥିଲେ। ସେପରି କନିଷ୍ଠ ବିଭାଗରେ ଅଭିଷେକ ଭୋଇ ଚାମ୍ପିୟନ ହୋଇଥିଲେ।

## ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ସାମଗ୍ରୀ ଜବତ

ଭବାନୀପାଟଣା,୧୦।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ବିଜେପୁର ଥାନା ଅଧୀନ ପାହାଡପଦର ସଂରକ୍ଷିତ ଜଙ୍ଗଲର କାଞ୍ଚନମୁହିଁ ଗ୍ରାମ ନିକଟରେ ଏକ ମାଓବାଦୀ କ୍ୟାମ୍ପ ଠାବ କରାଯାଇଛି। ଏହି କ୍ୟାମ୍ପରୁ ବିପୁଳ ପରିମାଣର ମାଓବାବୀ ସାମଗ୍ରୀ ଜବତ ହୋଇଛି ବୋଲି ଏସ୍‌ପି ଅଭିଳାଷ ଜୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଉପରୋକ୍ତ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଥିବା ସୂଚନା ପାଇ ଏସ୍‌ପି ଅଭିଳାଷ ଜୀଙ୍କ ନିର୍ଦ୍ଦେଶକ୍ରମେ ଏସଓଜି ଯବାନ ଓ ପୋଲିସଙ୍କ ଦ୍ୱାରା ଗତ ୯ ତାରିଖରୁ କୋମ୍ବିଂ ଅପରେଶନ ଆରମ୍ଭ କରାଯାଇଥିଲା। ଏସଓଜି ଯବାନ ଓ ପୋଲିସ କୋମ୍ବିଂ ଅପରେଶନ କରୁଥିବା ସମୟରେ କାଞ୍ଚନମୁହିଁ ଗ୍ରାମ ନିକଟରେ ମାଓବାଦୀ କ୍ୟାମ୍ପ ଚାଲିଥିବା ଖବର ପାଇ ଯବାନମାନେ ଉକ୍ତ ଅଞ୍ଚଳକୁ ଘେରାଉ କରିବା ସହିତ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ସେଠାରେ ମାଓବାଦୀଙ୍କ ଏକ କ୍ୟାମ୍ପ ଚାଲିଥିବା ଦେଖିବାକୁ ମିଳିଥିଲା। ଯବାନମାନଙ୍କୁ ଦେଖି କ୍ୟାମ୍ପ ଛାଡି ମାଓବାଦୀମାନେ ଜଙ୍ଗଲ ଭିତରକୁ ଚାଲି ଯାଇଥିଲେ। ଫଳରେ ଯବାନମାନେ ଉକ୍ତ କ୍ୟାମ୍ପକୁ ନଷ୍ଟ କରିଦେଇଥିଲେ। ଉକ୍ତ କ୍ୟାମ୍ପରୁ ତଲାସୀ କରିବା ସମୟରେ ୯ଟି ଡିଟୋନେଟର, ୨ଟି ଆଇଇଡି, କମ୍ବଳ, ବିଦ୍ୟୁତ ତାର, ଔଷଧ ସହିତ ବହୁ ପରିମାଣର ମାଓବାଦୀ ସାମଗ୍ରୀ ଓ ମାଓପୁସ୍ତିକା ଜବତ କରାଯାଇଥିଲା। ଏହି କ୍ୟାମ୍ପରେ ୧୦ରୁ ଊର୍ଦ୍ଧ୍ୱ ମାଓବାଦୀ ଥିବା ଜଣାପଡିଛି। ଏହି କ୍ୟାମ୍ପ କଳାହାଣ୍ଡି ଜିଲାର ବିଜିଏମ ଡିଭିଜନ ଓ ନିୟମଗିରି ଡିଭିଜନ ଦ୍ୱାରା ପରିଚାଳିତ ହେଉଥିବା ପୋଲିସ ଜବତ କରିଥିବା ମାଓବାଦୀ ଲିଫଲେଟରୁ ଜାଣିବାକୁ ପାଇଛି। ଏହି କ୍ୟାମ୍ପରେ ନିୟମଗିରି ଡିଭିଜନର ଦୁର୍ଦ୍ଧାନ୍ତ ମାଓବାଦୀ ନେତା ଇନ୍ଦୁ ମାଝୀ ଓ କୁନୀ ମାଝୀ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ବର୍ତ୍ତମାନ ଉକ୍ତ ଅଞ୍ଚଳ ଓ ତାର ଆଖପାଖ ଜଙ୍ଗଲକୁ ଯବାନମାନେ ଘେରାଉ କରି ରଖିବା ସହିତ ସର୍ଚ୍ଚ ଅପରେଶନ ଓ କୋମ୍ବିଂ ଅପରେସନ ଜୋରଦାର ଚାଲିଥିବା ଏସ୍ପି ଅଭିଳାଷ ଜୀ ପ୍ରକାଶ କରିଛନ୍ତି।


ଜବତ ମାଓବାଦୀ ସାମଗ୍ରୀ।

### କଳାହାଣ୍ଡି ପୋଲିସଙ୍କୁ ସଫଳତା

## ଆମପାଣି ଘାଟି ରାସ୍ତାରେ ଓଲଟିଲା ମକା ବୋଝେଇ ଟ୍ରକ

କୋକସରା,୧୦।୧୨(ଡି.ଏନ.ଏ.)



କଳାହାଣ୍ଡି ଜିଲା ୨୬ନଂ ଜାତୀୟ ରାଜପଥ କୋକସରା ବ୍ଲକ ଆମପାଣି ଘାଟିରେ ପୁଣି ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉମରକୋଟରୁ କଟକ ଅଭିମୁଖେ ଯାଉଥିବା ଏକ ମକା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ବୁଲାଣି ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଓଲଟି ପଡିଥିଲା। ଟ୍ରକ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ରହିଛି। ଏନେଇ ଆମପାଣି ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ ବୋଲି ଥାନା ଅଧିକାରୀ ଚତୁର୍ଭୁଜ ନାଏକ କହିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ଦିନ ଏକ ଟ୍ୟାଙ୍କର ଏହି ଘାଟି ରାସ୍ତାରେ ଓଲଟି ପଡିବା ଫଳରେ ଦୀର୍ଘ ୧୦ ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

# ଦୃଷ୍ଟି ଆଢୁଆଳରେ ଗୁଡହାଣ୍ଡି ଡୋକରୀଚଞ୍ଚରା

କୋକସରା,୧୦।୧୨(ଡି.ଏନ.ଏ.)

ଆଉ ଦିନ କେଇଟା ପରେ ନୂଆବର୍ଷ। ଏହାକୁ ଧୁମଧାମରେ ମନାଇବା ପାଇଁ ସମସ୍ତଙ୍କ ମନରେ ଭରି ରହିଛି ଉତ୍କଣ୍ଠା। ବିଶେଷ କରି ବଣଭୋଜି କରିବା ପାଇଁ ଦରକାର ପଡେ ଏମିତି ଏକ ସ୍ଥାନ ଯେଉଁଠି ବଣଭୋଜି ସହିତ ପ୍ରକୃତି ରାଣୀ କୋଳରେ ଦିନଟିଏ ଅତିବାହିତ କରିବା ପାଇଁ ସୁଯୋଗ ଥିବ। ପ୍ରକୃତି ରାଣୀର ଏକ ମନୋରମ ଓ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀ ହେଉଛି ଗୁଡହାଣ୍ଡି ଡୋକରୀ ଚଞ୍ଚରା। ଯେଉଁଠି ପ୍ରକୃତି ରାଣୀ ତାର ପସରାରେ ସଜାଇ ରଖିଛି ନିଆରା ଅନୁଭୂତି। କଳାହାଣ୍ଡି ଓ ନବରଙ୍ଗପୁର ସୀମାନ୍ତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳୀ ଏବେ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି। ଚାରିଆଡେ ପାହାଡ ଓ ଜଙ୍ଗଲ ମଝିରେ ପଥରର ଏକ ବିସ୍ତୀର୍ଣ୍ଣ ଚଟାଣ। ଯେଉଁ ଚଟାଣ ଉପରେ ଝରଣା କୁଳୁକୁଳୁ ନାଦ କରି ବହିଯାଏ। ଚଟାଣର ଦୁଇ କଡରେ ଥିବା ଦୁଇ ସୁଉଚ୍ଚ ଜଳ ପ୍ରପାତ ହେଲା ଡୋକରୀ ଦର ଓ ଭଁଏରା ଘୁମର। ପାହାଡ ଦେଶରୁ ଝରି ପଡୁଥିବା ପାଣି ଦିନରେ ମଧ୍ୟ ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରେ। ପୁଣି ସୁଉଚ୍ଚରୁ ଝରି ପଡୁଥିବା ଦୁଇ ଜଳ ପ୍ରପାତର ପାଣିରେ ଗାଧେଇବାର ମଜା ଅତ୍ୟନ୍ତ ନିଆରା। ଏଠାକାର ମନୋରମ ପରିବେଶ ପର୍ଯ୍ୟଟକଙ୍କ ଖୁସିକୁ ଦ୍ୱିଗୁଣିତ କରିଦିଏ। ଏହାବ୍ୟତୀତ ପ୍ରାଗ୍ ଐତିହାସିକ ଗୁମ୍ଫା ଗୁଡହାଣ୍ଡି ଏକ ଐତିହାସିକ କିମ୍ବଦନ୍ତୀ। ପ୍ରାଗ୍ ଐତିହାସିକ ଯୁଗର କିଛି ଶିଳାଲିପି ଏଠାରେ ଦେଖିବାକୁ ମିଳେ। ଏହାବ୍ୟତୀତ ଏଠାରେ ରହିଛି ଏକ ଭବ୍ୟ ରାମମନ୍ଦିର, ପୂର୍ଣ୍ୟକୁଣ୍ଡ, ସୀତାପାଦ, ଋଷି ଗୁମ୍ଫା, ବଟ ବୃକ୍ଷ, ବିଭୂତି କୁଣ୍ଡ ଭଳି ପୌରାଣିକ କଥା ବହନ କରୁଥିବା ଅନେକ କିମ୍ବଦନ୍ତୀ। ଜନଶ୍ରୁତିରୁ ଜଣାପଡେ, ପ୍ରଭୁ ଶ୍ରୀରାମ ବନବାସ ସମୟରେ କିଛି ସମୟ ଏଠାରେ ଅତିବାହିତ କରିଥିଲେ।


ଡୋକରୀଦର ଜଳ ପ୍ରପାତ।


ଭଁଏରା ଘୁମର ଜଳ ପ୍ରପାତ।

ଶ୍ରୀରାମ ନବମୀ ସମୟରେ ଏଠାରେ ସାତ ଦିନ ଧରି ଶ୍ରୀରାମଙ୍କ କଥାମୃତ ସହିତ ଲକ୍ଷାଧିକ ଭକ୍ତଙ୍କ ଭିଡ ଦେଖିବାକୁ ମିଳେ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରାଯାଇଛି। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ପ୍ରଚେଷ୍ଟାରେ ୧ କୋଟି ଟଙ୍କା ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯୋଗାଇ ଦିଆଯାଇଛି। ସେହିପରି ଧର୍ମଗଡ ବିଧାୟକ ମୌଷଧି ବାଗ ଡବ୍ଲୁଓଡିସିରୁ ୫୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ୨୦ଲକ୍ଷ ଟଙ୍କା ଓ ରାଜ୍ୟସଭା ସଦସ୍ୟ ସୁଜିତ କୁମାର ୧୦ ଲକ୍ଷ ଟଙ୍କା ଏହାର ବିକାଶ ପାଇଁ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏବେ ଏହାର ସୌନ୍ଦର୍ଯ୍ୟକରଣ ଚାଲିଛି। କିନ୍ତୁ ଏହାର ପ୍ରଚାର ସାଙ୍ଗକୁ ସୌନ୍ଦର୍ଯ୍ୟକରଣ ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଦୃଷ୍ଟି ଆଢୁଆଳରେ ଥିବା ଏହି ପର୍ଯ୍ୟଟନସ୍ଥଳୀର ବିକାଶ ଦିଗରେ ସରକାର ପଦକ୍ଷେପ ନେଲେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରନ୍ତା।

**ଆସ ବୁଲିଯିବା**

### କେମିତି ଯିବେ

କଳାହାଣ୍ଡି ଜିଲା ସଦର ମହକୁମା ଭବାନୀପାଟଣାଠାରୁ ୨୬ ନମ୍ବର ଜାତୀୟ ରାଜପଥ କୋକସରା ବ୍ଲକର ବୋବରିଆ ଛକଠାରୁ ଡେଙ୍ଗାଗୁଡା, ଦର୍ଲିପଡା, ଧୋବେନପଡା, ଖଲିଗଡ ଦେଇ ୨୦ କି.ମି ଅତିକ୍ରମ କଲା ପରେ ଏହି ପର୍ଯ୍ୟଟନସ୍ଥଳୀରେ ପହଞ୍ଚି ହେବ । ସେହିପରି ଆମପାଣିରୁ ବିଜୁ ଏକ୍ସପ୍ରେସ ୱେ ଦେଇ ମଧ୍ୟ ଯାଇ ହୁଏ।

**ରିପୋର୍ଟ: ଦୁଷ୍ମନ୍ତ କୁମାର ପାଇଯୋଷୀ**
**କୋକସରା, କଳାହାଣ୍ଡି**

### ସେମାନେ ଯାହା କୁହନ୍ତି...



"ଗୁଡହାଣ୍ଡି ଡୋକରୀ ଚଞ୍ଚରାରେ ବିଭିନ୍ନ ଦର୍ଶନୀୟ ସ୍ଥାନ ରହିଛି। ନୂଆବର୍ଷ ପାଖେଇ ଆସିବାରୁ ଏବେ ପର୍ଯ୍ୟଟକ ବହୁ ସଂଖ୍ୟାରେ ଆସୁଛନ୍ତି। ଅଧିକାଂଶ ଏଣେ ତେଣେ ଆବର୍ଜନା ଫିଙ୍ଗି ଦେଇ ପରିବେଶ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳୁଛି। ତେଣୁ ପର୍ଯ୍ୟଟକଙ୍କୁ ସଚେତନ କରିବା ସହ ଗୋଟାଏ ଲେଖାଏ ପଲିଥିନ କମିଟି ତରଫରୁ ଦିଆଯାଇ ଅଳିଆ ଆବର୍ଜନା ସେଠାରେ ଫିଙ୍ଗିବା ପାଇଁ କହୁଛୁ।

**ଭଦ୍ରେଶ୍ୱର ପାତ୍ର, ସଭାପତି**
**ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି**



"୧୯୭୨ ମସିହାରୁ ଉକ୍ତ ପର୍ଯ୍ୟଟନସ୍ଥଳୀକୁ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ଆଗମନ ବଢିବାରେ ଲାଗିଛି। ଏହାଭିତରେ ୫୦ ବର୍ଷ ହୋଇ ଯାଇଥିବାରୁ ଆମେ ଗତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିଲୁ। ଏଠାକୁ ଆସିବା ପାଇଁ ସଂକୀର୍ଣ୍ଣ ରାସ୍ତା ରହିଛି। ଏଣୁ ରାସ୍ତା ସୁବିଧା ସହ ଆଲୋକୀକରଣ, ଯାତ୍ରୀ ନିବାସ ଜରୁରୀ ଅଛି। ସରକାର ଦୃଷ୍ଟି ଦେଲେ ଏହାର ବିକାଶ ହୋଇପାରନ୍ତା।

**ଘନଶ୍ୟାମ ନାଏକ,ସମିତି ସଭ୍ୟ**
**ମହିମା ଗ୍ରାମ ପଞ୍ଚାୟତ, କୋକସରା**



"ଐତିହାସିକ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାର ଆଖିଦୃଶିଆ ବିକାଶ ହୋଇପାରିନାହିଁ। ରାଜ୍ୟ ସରକାର ଉପକୂଳ ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ତଥା ମନ୍ଦିରର ଉନ୍ନତି ଦିଗରେ ଯେଭଳି ପଦକ୍ଷେପ ନେଉଛନ୍ତି ସେଭଳି ଏହି ଅଞ୍ଚଳର ବିକାଶ ପାଇଁ ଅନୁଦାନ ମଞ୍ଜୁର କରିବା ଆବଶ୍ୟକ ରହିଛି । ଏ ଅଞ୍ଚଳରେ ଥିବା ପ୍ରାଚୀନ ଶ୍ରୀକାଳେଶ୍ୱର ଶିବ ମନ୍ଦିର, ବୁଢାରାଜା ମନ୍ଦିର, କରକ ଜଳପ୍ରପାତ ଓ ଶିଳ୍ପୀ ଗ୍ରାମ କନ୍ଦାଗଡକୁ ଏଥିରେ ସାମିଲ କଲେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସାଙ୍ଗକୁ ଲୋକଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇପାରନ୍ତା। ପ୍ରାଗ୍ ଐତିହାସିକ ଯୁଗର ଗୁଡହାଣ୍ଡି ଶିଳାଲିପି ବର୍ତ୍ତମାନ ବିଲୁପ୍ତ ହେବାକୁ ବସିଛି । ଆନ୍ତରିକତାର ସହ ଏହାର ସୁରକ୍ଷା ପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି।

**ଆଦିତ୍ୟ ପଣ୍ଡା ,ଶିକ୍ଷାବିତ**
**ବଡ କେନ୍ଦୁଗୁଡା,କୋକସରା**



"ଉକ୍ତ ପର୍ଯ୍ୟଟନସ୍ଥଳୀରେ ପୂର୍ଣ୍ୟକୁଣ୍ଡ ରହିଛି। ଏଠାରେ ଗାଧୋଇଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଠାକୁ ପଞ୍ଚୁ ପାଣ୍ଡବ ଆସିଥିଲେ। ଏହା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୀଠ। ଏଠାରେ ଡୋକରୀଦର ଜଳପ୍ରପାତ ରହିଛି। ସରକାରଙ୍କୁ ଅର୍ଥ ମଞ୍ଜୁର କରିବା ପାଇଁ ଆମ କମିଟି ପକ୍ଷରୁ ନିବେଦନ କରିଥିଲୁ। ଅର୍ଥ ଯୋଗାଇ ଦେବା ଫଳରେ ଫରେଷ୍ଟ ଡିପାର୍ଟମେଣ୍ଟ ପକ୍ଷରୁ ଡୋକରୀଦର ଜଳ ପ୍ରପାତକୁ ଯିବା ପାଇଁ ପାହାଚ ନିର୍ମାଣ କରାଯାଇଛି । ଆମ କମିଟି ପକ୍ଷରୁ ଏହାର ତଦାରଖ କରାଯାଉଛି।

**ଅଇରୀ ନାଶନ ଚିନ୍ଦା,ଉପ ସଭାପତି**
**ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି**

## ରିଷିଡା କପ ଫୁଟବଲ: ଫାଇନାଲରେ ପ୍ରବେଶ କଲା ତୁର୍ଲା ଦଳ

କର୍ଲାମୁଣ୍ଡା,୧୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ରିଷିଡା ଯୁବାମଞ୍ଚ ପକ୍ଷରୁ ବାପୁଜୀ ମିନି ଷ୍ଟାଡିୟମଠାରେ ଚାଲିଥିବା ରିଷିଡା କପ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଷଷ୍ଠ ଦିନ ମ୍ୟାଚ ତଥା ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ତୁର୍ଲା(ଟିଟିଲାଗଡ଼) ଓ ଜୁନାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨–୦ ଗୋଲରେ ତୁର୍ଲା( ଟିଟିଲାଗଡ଼) ଦଳ ବିଜୟୀ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଜବାହଲ ସରପଞ୍ଚ ଅରବିନ୍ଦ ଗହୀର, ରିଷିଡା ସମିତି ସଭ୍ୟ ନିମାଇଁ ଚରଣ ବେହେରା, ଯୁବ ସାମାଜିକ କର୍ମୀ ପ୍ରଦୀପ ଗହୀର, ଜିଲା ଯୁବ ବିଜେଡି କାର୍ଯ୍ୟକାରୀ ସଭ୍ୟ ଚିନ୍ମୟ ମିଶ୍ର, କମ୍ବୁପାଣି ସାହୁ, ସତ୍ୟନାରାୟଣ କୁମାର, ନରୋତ୍ତମ ସେଲମା, ଯୁବାମଞ୍ଚ ସଭାପତି ରଞ୍ଜନ ନାଏକ, ସମ୍ପାଦକ ବୁଲୁ ଭୋଇ, ଉପ ସଭାପତି କୈଳାସ କୁମୁରା, ଗିରିଶ ଚନ୍ଦ୍ର ସୁନା, ଲିପୁନ ରଣା, ସୋନୁ ରଣା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଲଳିତ ସାହୁ, ଲଳିତ ଦାସ, ପିଙ୍କୁ ଚନ୍ଦନ ଯୋଗ ଦେଇଥିଲେ। ସ୍କୋରର ଭାବେ ଗୋବର୍ଦ୍ଧନ ମାଝୀ, ରଶ୍ମିରଞ୍ଜନ ଲେଙ୍କା ରହିଥିବା ବେଳେ ମଧୁସୂଦନ ବାଗ ଓ କମ୍ବୁପାଣି ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ ତୁର୍ଲା (ଟିଟିଲାଗଡ଼) ଓ ତୁଷୁରା ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବ: ମନ୍ତ୍ରୀ

**ଓଡ଼ିଶା କମର୍ସ ଆସୋସିଏଶନ ଜାତୀୟ ସମ୍ମିଳନୀ**

ସମ୍ବଲପୁର,୧୦।୧୨(ବ୍ୟୁରୋ)



ଆୟୋଜିତ ସମ୍ମିଳନୀରେ ଅତିଥି,କର୍ମକର୍ତ୍ତା ।

ଏଭଳି ଜାତୀୟ ସମ୍ମିଳନୀ ଯୁବ ଉଦ୍ୟୋଗୀଙ୍କ ପାଇଁ ପ୍ରେରଣାଦାୟକ ହେବ। ସେମାନଙ୍କୁ ଆଗକୁ ବଢିବାରେ ପ୍ରୋତ୍ସାହନ ଯୋଗାଇବ। ବାଣିଜ୍ୟରେ ଯେଉଁ ଛାତ୍ରୀଛାତ୍ର ଗବେଷଣା କରୁଛନ୍ତି ସେମାନେ ସମାଜ ପ୍ରତି ନିଜର କର୍ତ୍ତବ୍ୟ ଓ ଗବେଷଣା ଦ୍ୱାରା ସମାଜର କିଭଳି ବିକାଶ ହୋଇପାରିବ ସେ ଲକ୍ଷ୍ୟ ରଖନ୍ତୁ। ଓଡ଼ିଶାର ଉଦ୍ୟୋଗୀମାନେ ରାଜ୍ୟ ତଥା ଦେଶ ବାହାରେ ରହିଛନ୍ତି। ଏବେ ରାଜ୍ୟ ସରକାର ଉଦ୍ୟୋଗୀମାନଙ୍କୁ ନିମନ୍ତ୍ରଣ କରି ବ୍ୟବସାୟ କରିବାକୁ ପ୍ରୋତ୍ସାହନ ଓ ସୁବିଧା ଦେଉଛନ୍ତି। ରାଜ୍ୟରେ ମଧ୍ୟ ସେମାନେ ବିନିଯୋଗ କରନ୍ତୁ ବୋଲି ରାଜ୍ୟ କମର୍ସ ଆସୋସିଏଶନର ୪୨ତମ ଜାତୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ କହିଥିଲେ।

ତପସ୍ୱିନୀ ପ୍ରେକ୍ଷାଳୟରେ ରାଜ୍ୟ କମର୍ସ ଆସୋସିଏଶନ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ମିଳିତ ଅନୁକୂଲ୍ୟରେ ଏହି ସମ୍ମିଳନୀ ହୋଇଥିଲା। ଓଏସ୍ଓୟୁ କୁଳପତି ପ୍ରଫେସର ଅର୍କକୁମାର ଦାସ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀୟ ଅତିଥି ଭାବେ ଅହମ୍ମଦାବାଦ ଏଣ୍ଟରପ୍ରେନ୍ୟୁର ଡେଭଲପମେଣ୍ଟ ଇନ୍ଷ୍ଟିଚ୍ୟୁଟର ମହାନିର୍ଦ୍ଦେଶକ ଡ. ସୁନୀଲ ଶୁକ୍ଲା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜୋନାଲ ଅଫ କମର୍ସର ପରିଚାଳନା ସମ୍ପାଦକ ପ୍ରଫେସର ମଳୟ କୁମାର ମହାନ୍ତି, ଓଡ଼ିଶା କମର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ଡ. ଏସ୍.ଏ. ଟହର ଓ ସଭାପତି ଏନ୍.କେ. ପଣ୍ଡା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଅଧ୍ୟକ୍ଷା ଡ. ସିକତା ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ବାଣିଜ୍ୟ ପ୍ରଫେସର ଅଯୋଧ୍ୟା ପ୍ରସାଦ ନାୟକଙ୍କୁ ଜୀବନବ୍ୟାପି ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସେଣ୍ଟ ଜାଭିୟର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସମ୍ବଲପୁର,୧୦।୧୨(ବ୍ୟୁରୋ)

ସେଣ୍ଟ ଜାଭିୟର ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ କାଇଁସିର ରୋଡ଼ ସିଂପାଲିସ୍ଥିତ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଶୋଭମାୟୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଖବରଦାତା ରାଜରାମ ପାଢ଼ୀ ମୁଖ୍ୟଅତିଥି, ସାମାଜିକ କର୍ମୀ ଶିଶିର ବହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟର ନିର୍ଦ୍ଦେଶକ ଅକ୍ଷୟ କୁମାର ନାୟକ, ସଭାନେତ୍ରୀ ସୁନିତା ନାୟକ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆଜାଦ୍


@ ରତିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ସଶକ୍ତ କରିବ ରୋଶନି କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଆର୍‌ଏସ୍‌ପିର ଅବସରପ୍ରାପ୍ତ କର୍ମଚାରୀବୃନ୍ଦ।

ରାଉରକେଲା ଅଫିସ,୧୦।୧୨

ରାଉରକେଲା ଇସ୍ପାତ କାରଖାନାରୁ ଅବସର ନେଇଥିବା କର୍ମଚାରୀଙ୍କୁ ସଶକ୍ତୀକରଣ କରିବା ପାଇଁ ରୋଶନି କର୍ମଶାଳା କାରଖାନାର ଏଚ୍‌ଆରଡି ସେଣ୍ଟରଠାରେ ଶନିବାର ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ କାର୍ମିକ ଓ ପ୍ରଶାସନ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ବିରେନ୍ଦ୍ର କୁଲୁ ଅଧ୍ୟକ୍ଷତା କରିଥିଲେ। ଆର୍‌ଏସ୍‌ପିରୁ ଡିସେମ୍ବର ମାସରେ ଅବସର ନେଇଥିବା ୨୫ ଜଣ କର୍ମଚାରୀ ଓ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନ ବିଷୟରେ ଆଲୋଚନା ହୋଇଥିଲା। ସକ୍ରିୟ ବୃତ୍ତିଗତ ଜୀବନରୁ ଅବସର ପରବର୍ତ୍ତୀ ଜୀବନକୁ ପ୍ରବେଶ ସୁଗମ ଓ ଚାପମୁକ୍ତ କରିବାରେ ସହଯୋଗ ପ୍ରଦାନ ପାଇଁ ଆଲୋଚିତ ବିଭିନ୍ନ ପ୍ରସଙ୍ଗ ମଧ୍ୟରେ ଫାଇନାଲ ସେଟଲମେଣ୍ଟ, ପ୍ରାପ୍ୟ ଓ ବିତ୍ତୀୟ ସୁରକ୍ଷା ଯୋଜନା, ସେଲ୍ ମେଡିକ୍ଲେମ ଯୋଜନା, ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା, ସୁସ୍ଥତା ବଜାଇ ରଖିବା, ଆଇଟିର ନିରାପତ୍ତା ବ୍ୟବହାର ଆଦି ସାମିଲ ଥିଲା। ବିତ୍ତ ଓ ଲେଖା ବିଭାଗର ଜିଏମ୍ ଡକ୍ଟର ଜି. ଏସ୍ ଦାସ, ଡିଜିଏମ୍ ଆର. ଆର ଷଡଙ୍ଗୀ, ସିଆଣ୍ଡଆଇଟି ବିଭାଗର ଏଜିଏମ୍ ଭି. ପି. ଆର୍ଯ୍ୟ, ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଡି. କେ. ଦାସ ବିଭିନ୍ନ ଅଧିବେଶନରେ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ। ଏହି କର୍ମଶାଳାକୁ କର୍ମଚାରୀ କଲ୍ୟାଣ ବିଭାଗ ଦଳ ପରିଚାଳନା କରିଥିଲେ। ପ୍ରାରମ୍ଭରେ କାର୍ମିକ ବିଭାଗର ଜିଏମ୍ ଜି. ଆର. ଦାସ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ।

## ଆମପାଣି ଘାଟି ରାସ୍ତାରେ ଓଲଟିଲା ମକା ବୋଝେଇ ଟ୍ରକ

କୋକସରା,୧୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ୨୬ନଂ ଜାତୀୟ ରାଜପଥ କୋକସରା ବ୍ଲକ ଆମପାଣି ଘାଟିରେ ପୁଣି ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉମରକୋଟରୁ କଟକ ଅଭିମୁଖେ ଯାଉଥିବା ଏକ ମକା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ବୁଲାଣି ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଓଲଟି ପଡିଥିଲା। ଟ୍ରକ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ରହିଛି। ଏନେଇ ଆମପାଣି ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ ବୋଲି ଥାନା ଅଧିକାରୀ ଚତୁର୍ଭୁଜ ନାଏକ କହିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ଦିନ ଏକ ଟ୍ୟାଙ୍କର ଏହି ଘାଟି ରାସ୍ତାରେ ଓଲଟି ପଡିବା ଫଳରେ ଦୀର୍ଘ ୧୦ ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

# ଜୁନିୟର ସିପକ ଟାକ୍ରୋ ପ୍ରତିଯୋଗିତା: ବାଳିକାବାଳକ ଦଳକୁ ବ୍ରୋଞ୍ଜ ପଦକ

ସୁନ୍ଦରଗଡ଼,୧୦।୧୨(ଡି.ଏନ.ଏ.)



ଗତ ୫ ତାରିଖରୁ ବିହାର ରାଜ୍ୟ ପାଟନା ପାଟଳୀପୁତ୍ର ସ୍ପୋର୍ଟସ କମ୍ପ୍ଲେକ୍ସରେ ୨୬ ତମ ଜୁନିୟର ବାଳିକା ଓ ବାଳକ ସିପକ ଟାକ୍ରୋ ପ୍ରତିଯୋଗିତା ୯ ତାରିଖ ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ଓଡିଶା ବାଳିକା ଦଳ ଟିମ୍ ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାଳକ ବର୍ଗରେ ଓଡ଼ିଶା ଦଳ ରେଗୁ ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୁନ୍ଦରଗଡ଼ ଜିଲାରୁ ବାଳକ ବର୍ଗରେ ଜେ.ବି ଏନଏମପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗୀମାଳର ନୟନ ମୁଣ୍ଡା ଏବଂ ବାଳିକା ବର୍ଗରେ ଜେ.ବି ଡିଗ୍ରୀ କଲେଜ ସର୍ଦ୍ଧାପାଲିର ସୋନାଲି ପଟେଲ ଓ ସୁନ୍ଦରଗଡ଼ ସଦର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମଧୁସ୍ମିତା ଭିଡ୍ରିଆ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି ଖେଳାଳିମାନେ ସୁନ୍ଦରଗଡ଼ ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନସେବା ସମିତି ଯୋଗିମାଳରେ ପ୍ରତ୍ୟେକ ଦିନ ତାଲିମ ନେଉଛନ୍ତି। କୋଚ୍ ଭାବେ କଟକର ଲଲାଟେନ୍ଦୁ ସ୍ୱାଇଁ, ଭୁବନେଶ୍ୱର କିସ୍‌ର ମନିଷା ତରାଶିଆ, ପୁରୀ ଜିଲାର ରାମଚନ୍ଦ୍ର ବାରିକ, ସରିତା ଶତପଥି, ମ୍ୟାନେଜର ରିତା ବେହେରା, ଅନ୍ତର୍ଜାତୀୟ ରେଫରୀ ମହମ୍ମଦ ଗୁଲ୍ଫମ ଏବଂ ବ୍ରଜମୋହନ ସାହୁ ଓ ଓଡ଼ିଶାର ଟିମ୍ ମ୍ୟାନେଜର ଭାବେ ସୁନ୍ଦରଗଡ଼ ଜିଲାର ସୁଶାନ୍ତ କୁମାର ଷଡ଼ଙ୍ଗୀ ଅଂଶଗ୍ରହଣ କରିଛନ୍ତି। ଖେଳାଳିମାନେ ଜାତୀୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରିଥିବାରୁ ଓଡ଼ିଶା ରାଜ୍ୟ ସିପକ ଟାକ୍ରୋ ସଂଘର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ, ରାଜ୍ୟ ସିପକ ଟାକ୍ରୋ ସଂଘର ସଭାପତି ସତ୍ୟବ୍ରତ ରଥ, ଉପସଭାପତି କୈଳାଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସମ୍ପାଦକ ସହଦେବ ରାଉତ, ରାଜ୍ୟ ସିପକ ଟାକ୍ରୋ ଓ ସୁନ୍ଦରଗଡ଼ ଜିଲା ସିପକ ଟାକ୍ରୋ ସଂଘ ତଥା ଜନସେବା ସମିତି ଯୋଗିମାଳର ସମସ୍ତ ସଦସ୍ୟ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ପ୍ରତି ଘରୋଇ ହିଂସା ନିରୋଧ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଧର୍ମଗଡ଼,୧୦।୧୨(ଡି.ଏନ.ଏ.): ଭାରତୀୟ ଆଦିମ ଜାତି ସେବକ ସଂଘ ତରଫରୁ ଧର୍ମଗଡ଼ ସ୍ୱାଧାର ଗୃହରେ ଗତ ୨୫ ତାରିଖଠାରୁ ଚାଲିଥିବା ମହିଳାଙ୍କ ପ୍ରତି ଘରୋଇ ହିଂସା ନିରୋଧ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ନଗରପାଳ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର, ସହକାରୀ ଜିଲାପାଳ ଚିନ୍ମୟ କୁମାର ନାୟକ ଯୋଗଦେଇ ମହିଳା ଙ୍କ ଘରୋଇ ହିଂସା ନିରାକରଣ ଲାଗି ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାଧାର ଗୃହ ସଦସ୍ୟ ବିଦ୍ୟାଧର ସାହୁ ଅଧକ୍ଷତା କରିଥିବା ବେଳେ ସଦସ୍ୟା ଗୀତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସର୍ବୋଦୟ ସମିତି ପରିଚାଳକ ଦେବରାଜ ମହାନନ୍ଦ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ରେ ସ୍ୱାଧାର ଗୃହ ପରିଚାଳିକା ନିବେଦିତା ପ୍ରଧାନ ଓ ସଭ୍ୟା ଶୋଭା ରାଉତ ସହଯୋଗ କରିଥିଲେ।

### କେନ୍ଦୁପତ୍ର ଅସ୍ଥାୟୀ କର୍ମଚାରୀଙ୍କ ବୈଠକ

ଦେଓଗାଁ,୧୦।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଟିଟିଲାଗଡ କେନ୍ଦୁପତ୍ର ଡିଭିଜନ ଅଧୀନ ସାରସବାହାଲ ଡାକ ବଙ୍ଗଳାରେ କେନ୍ଦୁପତ୍ର ଅସ୍ଥାୟୀ କର୍ମଚାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପତ୍ର ଟିଟିଲାଗଡ ଡିଭିଜନ ସାଧାରଣ ସମ୍ପାଦକ ଛବିଲ ସିଂଦିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଓଗାଁ, ତୁଷୁରା, ବନ୍ଧପତା, ଟିକ୍ରାପଡା, ସଇଁତଲା, ବେଲଗାଁ, ବଙ୍ଗୋମୁଣ୍ଡା କେନ୍ଦୁପତ୍ର ରେଞ୍ଜ ଅଞ୍ଚଳର ଅସ୍ଥାୟୀଭାବେ କାମ କରୁଥିବା ସିଜିନାଲ କର୍ମଚାରୀମାନେ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ଧରି କେନ୍ଦୁପତ୍ର ଅସ୍ଥାୟୀ କର୍ମଚାରୀଙ୍କୁ ଉକ୍ତ ବିଭାଗରେ ସ୍ଥାୟୀ ନିଯୁକ୍ତି ଦେବାପାଇଁ ଦାବି କରିଆସୁଥିବା ଓଡିଶା ମହାସଂଘଙ୍କୁ ନବୀନ ନିବାସରୁ ଆଲୋଚନା ପାଇଁ ଡାକରା ଆସିଛି। ଏହି ପରିପେକ୍ଷୀରେ ଓଡିଶାର ସମସ୍ତ ଡିଭିଜନ ଅନ୍ତର୍ଗତ ରେଞ୍ଜ ଅଫିସ ଅଞ୍ଚଳରୁ ପ୍ରାୟ ୨୦ ଜଣ ସଦସ୍ୟ ବୈଠକରେ ଯୋଗଦେବାପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଚୈତନ ପୁଟେଲ, ଅଶୋକ ଷଡଙ୍ଗୀ, ବିବେକ ପାତ୍ର, ବସନ୍ତ ବଗର୍ତ୍ତି, ବସନ୍ତ ସାହୁ, ବାଞ୍ଛାନିଧି ପଧାନ, ସୁରେଶ କର୍ତ୍ତି, ସମାରୁ ପଧାନ, ଗୋବିନ୍ଦ ପାଣିଗ୍ରାହୀ, ସନ୍ୟାସୀ ମହାକୁରଙ୍କ ସହ ୫୦ କର୍ମକର୍ତ୍ତା ଯୋଗଦେଇଥିଲେ।

### ଅଭିଭାବକ-ଶିକ୍ଷକ ସଂଘ ବୈଠକ

ଗୁଡ଼ଭେଲା,୧୦।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତପି କୁଅଁରଙ୍କ ଅଧକ୍ଷତାରେ ଅଭିଭାବକ-ଶିକ୍ଷକ ସଂଘର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକକୁ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସଞ୍ଚାଳନ କରିଥିଲେ। ଉକ୍ତ ବୈଠକରେ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମର ଅଗ୍ରଗତି ଓ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଆଲୋଚନା କରାଯାଇଥିଲା। ୩ ଅଭିଭାବକ ଓ ୫ଶିକ୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ପରେ ଉପସ୍ଥିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ପ୍ରତିଭା ସାହୁ, ପ୍ରଶାନ୍ତି ଦାଶ, ରଞ୍ଜିତା ନାଗ ଓ ବିନ୍ଦୁ ମହାଣା ସହଯୋଗ କରିଥିଲେ।

# ମଣ୍ଡିରୁ ଉଠୁନାହିଁ ଧାନ

**ନୂଆପଡ଼ା ଜିଲାରେ ମଣ୍ଡି ଖୋଲିବାର ୧୦ ଦିନ ବିତିଗଲା**

ନୂଆପଡ଼ା ଅଫିସ୍,୧୦।୧୨

ନୂଆପଡ଼ା ଜିଲାରେ ମଣ୍ଡି ଖୋଲିବାର ୧୦ଦିନ ବିତି ଯାଇଥିଲେ ମଧ୍ୟ ଧାନ ଉଠାଯାଇ ନାହିଁ। ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ଅଧିନସ୍ଥ ମୋହରାଡିହି ମଣ୍ଡିରେ ୮୫ଜଣ ଚାଷୀଙ୍କ ୧୦ହଜାରରୁ ଉର୍ଦ୍ଧ୍ୱ ବସ୍ତା ଧାନ ମଣ୍ଡିରେ ପଡି ରହିଛି। ଆଜକୁ ପ୍ରାୟ ୧୦ ଦିନରୁ ଉର୍ଦ୍ଧ୍ୱ ହେବ କାହାର ଦେଖା ନାହିଁ। ମିଲର୍ସ କିମ୍ବା ବିଭାଗୀୟ ଅଧିକାରୀ ଆସୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମୋହରାଡିହିକୁ ଯିବା ପାଇଁ ରାସ୍ତା ନାହିଁ। ଗତ ବର୍ଷାଋତୁରେ ଲଘୁଚାପଜନିତ ଲଗାଣ ବର୍ଷାରେ ସାରାବଙ୍ଗ ପୋଲ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତାହା ବିପଦସଙ୍କୁଳ ଥିବାରୁ ପ୍ରଶାସନ ପକ୍ଷରୁ ରାସ୍ତାକୁ ସିଲ୍ କରି ଦିଆଯାଇଛି। ମୋହରାଡିହିକୁ ଗାଡି ଯିବା ପାଇଁ ରାସ୍ତା ନାହିଁ। ଫଳରେ ଧାନ ଉଠିବାରେ ସମସ୍ୟା ହୋଇଛି। ପ୍ରଶାସନ ଜାଣି ମଧ୍ୟ କାହିଁକି ମଣ୍ଡି କରିଛି ବୋଲି ପ୍ରଶ୍ନ ଉଠୁଛି। ଅନ୍ୟ ସ୍ଥାନରେ ମଣ୍ଡି କରିବା କଥା। ତାହା


ନୂଆପଡ଼ା ଜିଲାର ଏକ ମଣ୍ଡିରେ ପଡ଼ି ରହିଥିବା ଧାନ ବସ୍ତା।

ନ କରି ଜାଣିଶୁଣି ଚାଷୀଙ୍କୁ ପ୍ରଶାସନ ହଇରାଣ କରୁଛି। ଶୀତକାକରରେ ମଣ୍ଡିରେ ଧାନ ରଖି ଦିନରାତି ଜଗି ବସିଛନ୍ତି ଚାଷୀ। କେବଳ ମୋହରାଡିହି ମଣ୍ଡି ନୁହେଁ, ଜିଲାର ୭୨ଟି ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ିରହିଛି। ସ୍ଥାନେ ସ୍ଥାନେ ସ୍ୱଳ୍ପ ବୃଷ୍ଟିପାତ ହେବା ସହ ଆକାଶରେ ମେଘାଛନ୍ନ ଦେଖି ଚାଷୀ ଚିନ୍ତାରେ ବସିଛନ୍ତି। ପ୍ରଶାସନ ପକ୍ଷରୁ ଚଟାଣ ନିର୍ମାଣ କରାଯାଇ ନ ଥିବାରୁ ଧାନକୁ ସୁରକ୍ଷିତ ଭାବରେ ରଖିପାରୁ ନାହାନ୍ତି। ଧାନକୁ ବର୍ଷାରୁ ରକ୍ଷା କରିବା ପାଇଁ ତ୍ରିପାଲ କିମ୍ବା ପଲିଥିନ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣିରେ ଭିଜି ଧାନ ଗଜା ହେବାର ସମ୍ଭାବନା ରହିଛି। ନୂଆପଡା ଜିଲାର ଚାଷୀଙ୍କ ସମସ୍ୟା କେବେ ଅନ୍ତ ହେଉ ନାହିଁ। ଠିକ୍ ଧାନ ଅମଳ ହେଲାବେଳକୁ ଅଭାବି ବିକ୍ରୀର ଶିକାର ହେଉଛନ୍ତି। ନିଜ ଉପାର୍ଜିତ ଅମଳ ଧାନକୁ ମଧ୍ୟ ଚାଷୀ ସୂଚାରୁ ରୂପେ ବିକ୍ରୟ କରିପାରୁ ନାହାନ୍ତି। ଚାଷୀ ଉଚିତ ମୂଲ୍ୟ ପାଇବା ସହ ସୁବିଧାରେ ଧାନ ବିକ୍ରୟ କରିପାରିବେ ବୋଲି ସରକାର ମଣ୍ଡିର ବ୍ୟବସ୍ଥା କରିଥିଲେ ହେଁ ଚାଷୀ ଶୋଷଣର ଶିକାର ହେଉଛନ୍ତି। ବିନା କଟନୀ ଛଟନୀରେ ଧାନ ଉଠାଯାଉନାହିଁ। ମଣ୍ଡିରେ ମିଲର୍ସଙ୍କ ରାଜ ଚାଲିଛି। ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ରଙ୍କୁ ପଚାରିବାରୁ ଦୁଇ ଦିନ ମଧ୍ୟରେ ସବୁ ମଣ୍ଡିର ଧାନ ଉଠିଯିବ। ମୋହରାଡିହି ପାଇଁ ରାସ୍ତା ନାହିଁ। ତାହାର ବିକଳ୍ପ ବ୍ୟବସ୍ଥା କରୁଛୁ ବୋଲି ପ୍ରକାଶ କରିଥିଲେ।

## ଯୁବ ରେଡ୍‌କ୍ରସ୍ ଅଧିଷ୍ଠାନ ସଭା


ଅଧିଷ୍ଠାନ ସଭାରେ ଉପସ୍ଥିତ ମହାବିଦ୍ୟାଳୟର ଛାତ୍ରୀ।

ଖଡ଼ିଆଳ,୧୦।୧୨(ଡି.ଏନ.ଏ)

ନୂଆପଡ଼ା ଜିଲା ଖଡ଼ିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ଅଧିଷ୍ଠାନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟ ଅଧକ୍ଷା ଲିଜା ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଡ. ଫଣିଦମ ସିଂଦେଓ, ସମ୍ମାନିତ ଅତିଥି ଭାବେ ଅଧାପକ ଡ. ପଦ୍ମଲୋଚନ ବର୍ମା ଓ ଯୁବ ରେଡ୍‌କ୍ରସ ଆବାହକ ସମ୍ପାଦକ ଶିବପ୍ରସାଦ ସାହା ଯୋଗଦେଇଥିଲେ। ଅତିଥିମାନେ ଯୁବ ରେଡକ୍ରସର ଉଦ୍ଦେଶ୍ୟ, ଲକ୍ଷ୍ୟ, ରକ୍ତଦାନର ଆବଶ୍ୟକତା, ଚାରାରୋପଣ, ପ୍ଲାଷ୍ଟିକ ପ୍ରଦୂଷଣ, ସଂକ୍ରାମକ ରୋଗ, ସଡ଼କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଶେଷରେ ଅଧ୍ୟାପିକା ସାଏରା ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ପେଶାଲ ଓଟିଇଟି ପରୀକ୍ଷାଫଳ ଶୀଘ୍ର ପ୍ରକାଶ କର

**ନ କଲେ ଆନ୍ଦୋଳନ କରିବେ ଶିକ୍ଷକ ସଂଘ**

ଖଡ଼ିଆଳ,୧୦।୧୨(ଡି.ଏନ.ଏ.)

ଚଳିତବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) କଟକ ପକ୍ଷରୁ ଗତ ଅଗଷ୍ଟ ୨୯ରେ ଇନସର୍ଭିସ ଶିକ୍ଷକମାନଙ୍କ ପାଇଁ ସ୍ପେଶାଲ ଓଟିଇଟି ପରୀକ୍ଷା କରାଯାଇଛି। ଯେଉଁଥିରେ ରାଜ୍ୟର ପନ୍ଦର ହଜାର ଏକ୍ସକେଡର ଶିକ୍ଷକ ଏବଂ ଚାରି ହଜାର ଗଣଶିକ୍ଷକ ପରୀକ୍ଷା ଦେଇଛନ୍ତି। ନିୟମ ମୁତାବକ ପରୀକ୍ଷା ଫଳ ୪୫ ଦିନ ଭିତରେ ବାହାରିବା କଥା କିନ୍ତୁ ଆଜକୁ ୩ ମାସ ବିତିଯାଇଥିଲେ ସୁଦ୍ଧା ପରୀକ୍ଷା ଫଳ ବିଳମ୍ବ ହେବାରୁ ସଂଘ କ୍ଷୋଭ ପ୍ରକାଶ କରିଛି। ରାଜ୍ୟ ମହାସଂଘର କାର୍ଯ୍ୟକାରିଣୀ ସଭାପତି ଅଲେଖ ସାହୁଙ୍କ ନେତୃତ୍ୱରେ ଉପସଭାପତି ବିଶ୍ୱରଞ୍ଜନ ଦାସ, ଆଲୋକ ରାଏ ପ୍ରମୁଖ ଗତ ୨୯ ନଭେମ୍ବରରେ ବୋର୍ଡ଼ କର୍ତ୍ତୃପକ୍ଷଙ୍କୁ ପରୀକ୍ଷାଫଳ ଶୀଘ୍ର ବାହାର କରିବା ପାଇଁ ଲିଖିତ ଭାବରେ ଜଣାଇଥିଲେ। ବୋର୍ଡ଼ କର୍ତ୍ତୃପକ୍ଷ ଶୀଘ୍ର ବାହାର କରିବାର ପ୍ରତିଶ୍ରୁତି ଦେଇ ଆଜକୁ ୧୦ ଦିନ ହେଲା ବାହାର କରି ନ ଥିବାରୁ ବୋର୍ଡ଼ର ଅବହେଳା ଦର୍ଶାଇ ଆସନ୍ତା ସୋମବାର ମଧ୍ୟରେ ସ୍ପେଶାଲ ଓଟିଇଟି ପରୀକ୍ଷାଫଳ ପ୍ରକାଶ ନ ପାଇଲେ ବୋର୍ଡ଼ ଅଫିସ ଘେରାଉ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ଚେତାବନୀ ଦେଇଛନ୍ତି। ସୂଚନାଥାଉକି ଓଟିଇଟି ପାସ ନ କରିବାରୁ ରାଜ୍ୟର ଚାରି ହଜାର ଶିକ୍ଷକ ନିୟମିତରୁ ବଞ୍ଚିତ ଥିବାବେଳେ ପନ୍ଦର ହଜାର ଶିକ୍ଷକ ଇନକ୍ରିମେଣ୍ଟ ପାଇପାରୁନାହାନ୍ତି।

## ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା


ବାର୍ଷିକ କ୍ରୀଡ଼ାରେ ସାମିଲ ଖେଳାଳି।

ଖଡ଼ିଆଳ,୧୦।୧୨(ଡି.ଏନ.ଏ.)

ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡ଼ା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ତରୁଣ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ସଭାପତି ବିଶ୍ୱଜିତ ପାଢ଼ି ଯୋଗଦେଇଥିଲେ। ବିଶିଷ୍ଟ କ୍ରୀଡ଼ାବିତ ଛବି ସାଗର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଉପସଭାପତି ଡ. ରଣବୀର ସିଂଙ୍କ ନେତୃତ୍ୱରେ ସହ ଉପସଭାପତି ହରିବନ୍ଧୁ ହଂସ, ଆନ୍ଦିନୀ ମିଶ୍ର, ସନ୍ତୋଷ ଶର୍ମା ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଖେଳ ଶିକ୍ଷକ ଡ. ସରୋଜ କୁମାର ପଣ୍ଡା ଓ ଖେଳ ଶିକ୍ଷକ ଅଂଶୁମାନ ପଣ୍ଡା, ସୌରଭ ପଣ୍ଡା, ଦେବାଶିଷ ନାଗ ଖେଳକୁ ସହଯୋଗ କରିଥିଲେ। ଯୁକ୍ତ ଦୁଇ ଇନଚାର୍ଜ ଅଶ୍ୱିନୀ କୁମାର ପାଢ଼ି, ପ୍ରଶାନ୍ତ ପଣ୍ଡା, ହରେକୃଷ୍ଣ ମିଶ୍ର, ଚନ୍ଦ୍ରଶେଖର ଚନ୍ଦ୍ରକାର, ସୁନୀଲ ପଢ଼ି, ରାଜଲକ୍ଷ୍ମୀ ରଥ, ଅଭିଷେକ ରଥ, ରାଜାରାମ ମିଶ୍ର ଓ ସମସ୍ତ କର୍ମଚାରୀ, ଅଧ୍ୟାପକ ଅଧ୍ୟାପିକା ସହାୟତା କରିଥିଲେ। ଦୁଇ ଦିନ ଧରି ଡ. ଗୀତାଶ୍ରୀ ପ୍ରିୟମ୍ବଦା ଖେଳର ଧାରା ବିବରଣୀ ପ୍ରସାର କରିଥିଲେ। ବର୍ଷର ଶ୍ରେଷ୍ଠ ଖେଳାଳି ଭାବେ ବିକାଶ ବଛା, ପୁରୁଷ ସିନିୟର ଚାମ୍ପିୟନ ଭକ୍ତଚରଣ ମାଝି, ମହିଳା ସିନିୟର ଚାମ୍ପିୟନ ଜୟନ୍ତୀ ମାଝି, ଜୁନିୟର ପୁରୁଷ ଚାମ୍ପିୟନ ପ୍ରେମ ସାଗର କଟା ଓ ଜୁନିୟର ମହିଳା ଚାମ୍ପିୟନ ଭାବେ ଗାୟତ୍ରୀ ବାରିକ ହୋଇଥିଲେ । ଶେଷରେ ଡ. ସୁରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କୀଟନାଶକ ପିଇ ଯୁବକ ଗୁରୁତର

ନୂଆପଡ଼ା ଅଫିସ୍,୧୦।୧୨

ନୂଆପଡ଼ା ସୀମାନ୍ତ ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ସରେଇବାହାଲ ଗାଁର ଯୁବକ କୀଟନାଶକ ପିଇ ଗୁରୁତର ଅବସ୍ଥାରେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଯୁବକ ଜଣକ ହେଲେ ପଞ୍ଚାନନ ବେହେରା (୪୮)। ସୂଚନା ମୁତାବକ ଟଙ୍କାପାଣି ଗାଁ ର ଗିରିଧାରି ଖମାରୀଙ୍କ ଘର ୪/୫ ଦିନ ଭିତରେ ଚୋରି ହୋଇଥିଲା । ତାହା ଲାଠୋର ଥାନାରେ ଏକ ଚୋରି ମାମଲା ରୁଜୁ ହୋଇଛି। ଶୁକ୍ରବାର ପଞ୍ଚାନନ ଟଙ୍କାପାଣି ଗାଁରେ ହେଉଥିବା ଲକ୍ଷ୍ମୀପୂଜାରେ ରାତିରେ ନାଟକ ଦେଖିବା ପାଇଁ ଯାଇଥିଲେ। ସେଠାରେ ଗ୍ରାମରକ୍ଷୀ ନନ୍ଦ ବିଭାର ପଞ୍ଚାନନଙ୍କୁ ଚୋରି କରିଛୁ ଥାନାକୁ ଚାଲ ବୋଲି ବାରମ୍ବାର କହିବାରୁ ପଞ୍ଚାନନ ସହ୍ୟ କରିପାରି ନ ଥିଲେ। ସକାଳେ ଘରକୁ ଫେରି କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଛଟପଟ ହେଉଥିବା ବେଳେ ପରିବାର ଲୋକେ ତୁରନ୍ତ ନୂଆପଡ଼ା ଜିଲା ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବୋଡ଼େନ, ୧୦।୧୨(ଡି.ଏନ୍.ଏ.)

ନୂଆପଡ଼ା ଜିଲା ବୋଡେନ ବ୍ଲକ କେଶରାଜପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପଞ୍ଚମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ଅନିମା ବାରିକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗ୍ରାମଦେବୀଙ୍କ ପୀଠରୁ ମଶାଲ ଆଣି ସ୍ଥାପନ କରାଯାଇଥିଲା। ଉଦ୍‌ଘାଟନୀ ସଭାରେ ଶିକ୍ଷୟିତ୍ରୀ ନିଭା ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ଆକାଶ ମୁଣ୍ଡା, ସନ୍ତୋଷ କୁମାର ଦାସ, ନରୋତ୍ତମ ବାଘ, ସାର୍ଥକ ସାରଥି ସିଂ, ମନୋଜ ବେହେରା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କ୍ରୀଡ଼ା ଶିକ୍ଷକ ପ୍ରକାଶ କୁମାର ବେହୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିତେନ୍ଦ୍ର ନାଥ ଗହିର, ସତ୍ୟପ୍ରକାଶ ଦଣ୍ଡସେନା, ଲକ୍ଷ୍ମଣ ବରିହା, ଆଦ୍ୟପଦ ପଟ୍ଟନାୟକ, ଲିଲି ପଟେଲ, ଦେବସ୍ମିତା ହାଁସଦା, ରମ୍ଭା ବେହେରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ଜିଲା ପରିଷଦ ଅଧକ୍ଷା ଡଲି ମାଝି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ ସହ ଉତ୍ସାହିତ କରିଥିଲେ। ଶିକ୍ଷକ ଯଦୁମଣି ବାରିକ ଧନ୍ୟବାଦ ଦେଇଥିଲେ।

## ଗାନ୍ଧୀ କପ୍ କ୍ରିକେଟ ଟୁର୍ନାମେଣ୍ଟ: ଗୋକୁଳନଗର ବିଜୟୀ

ଖଡ଼ିଆଳ,୧୦।୧୨(ଡି.ଏନ୍.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ଗାନ୍ଧୀ କ୍ଲବ ଆନୁକୂଲ୍ୟରେ ଶନିବାର ୧୧ତମ ଗାନ୍ଧୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଖଡ଼ିଆଳ ଗୋକୁଳ ନଗର ଓ ନରସିଂପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନରସିଂପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଗୋକୁଳ ନଗର ଦଳ ମାତ୍ର


ଗାନ୍ଧୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମୁହୂର୍ତ୍ତ।

୪ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରି ବିଜୟୀ ହୋଇଥିଲା। ଏହି କ୍ରିକେଟ ମ୍ୟାଚକୁ ବସନ୍ତ ଶବର ଓ ଶିବଦତ୍ତ କୁମାର ପରିଚାଳନା କରିଥିଲେ। ସୁରେନ୍ଦ୍ର କୁମାର ଧାରାବିବରଣୀ ପ୍ରଦାନ କରିଥିଲେ। ଗାନ୍ଧୀ କ୍ଲବର ସକ୍ରିୟ ସଦସ୍ୟ ଅନିଲ ସିନ୍ଦୂର, ଛବିଲାଲ ଦୀପ, ହିତୁ କୁମାର, ଧୀରୁ କୁମାର ପ୍ରମୁଖ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଉଦ୍‌ଘାଟନୀରେ ମୁଖ୍ୟ ଅତିଥି ଭାବେ ୪ନମ୍ବର ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ କୁନୁ କରୁଆ ଓ ସମାଜସେବୀ ମହାଦେବ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କ୍ରିକେଟ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

## ହାତୀବନ୍ଧା ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ସିନାପାଲି,୧୦।୧୨(ଡି.ଏନ୍.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆ ଠାରେ ୨୬ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ସ୍ଥାନୀୟ ସମିତି ସଭ୍ୟ ସଞ୍ଜୟ କୁମାର ସିଂ ମାଝି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଆଚାର୍ଯ୍ୟ ସନ୍ତୋଷ କୁମାର ବାଗ, ସ୍ଥାନୀୟ ପରିଚାଳନା କମିଟି ସମ୍ପାଦକ ସୁରେଶ ମେହେର, ସଭ୍ୟା ମିନା ବେହେରା, ଦିଲ୍ଲୀପ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ପ୍ରଧାନାଚାର୍ଯ୍ୟ କପିଳ ନାରାୟଣ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସର୍ବପ୍ରଥମେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରି ଦେବପୂଜନ ପରେ ପ୍ରଧାନଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶାରୀରିକ ପ୍ରମୁଖ ସରୋଜ ସିଂ ନିନାଙ୍କ ନେତୃତ୍ୱରେ ସ୍ଥାନୀୟ ଛାତ୍ରମାନଙ୍କ ଦ୍ୱାରା ଗ୍ରାମ୍ୟ ଇଷ୍ଟ ଦେବୀ ମା' ଦ୍ୱାରସେନୀ ପିଠରୁ ମଶାଲ ଆଣି ଖେଳପଡ଼ିଆରେ ସ୍ଥାପନ ପରେ ବାର୍ଷିକ କ୍ରୀଡା ଶୁଭାରମ୍ଭ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଆଚାର୍ଯ୍ୟ କିଶୋର ଧୀବର, ସୁଧୱା ଧୀବର, ଅନନ୍ତ ପଣ୍ଡା, ନରେଶ କାଣ୍ଡ, ସୁରଜିତ ବେହେରା, କ୍ଷୀରୋଦ ମେହେର, ଟିକେଚନ୍ଦ୍ର ମଶ୍ରା, ଉଆଁସୀ ମେହେର, ପଦ୍ମଫୁଲ ମେହେର, ଆଶା ମେହେର, ମମତା ମେହେର ପ୍ରମୁଖ ସହଯୋଗ କରିଥିଲେ।



## କ୍ରଶର ପାଇଁ ବଢୁଛି ପ୍ରଦୂଷଣ

**କ୍ରସର ଗୁଣ୍ଡରେ ଉବୁଟୁବୁ ରଷିଗାଁ ଗ୍ରାମବାସୀ**

ଖଡ଼ିଆଳ,୧୦।୧୨(ଡି.ଏନ.ଏ.)

ପଥର ଖାଦାନଗୁଡିକୁ ଗାଇଡ଼ ଲାଇନ ନ ମାନି ନିୟମ ଉଲ୍ଲଘଂନ କରି ମାଫିଆ ହାତକୁ ଟେକି ଦେଇଥିବା ଅଭିଯୋଗ ହୋଇଛି। ଐତିହାସିକ କୀର୍ତିରାଜି ଲୀନ ହେବା ସାଙ୍ଗକୁ ପରିବେଶ ପ୍ରଦୂଷଣ ବଢୁଛି। ଏହାକୁ ନେଇ ବାରମ୍ବାର ଅଭିଯୋଗ କଲେ ହେଁ ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି। ଏମିତି କି କ୍ରଶର ମାଲିକ ଓ ଏକ କମ୍ପାନୀ ସହ ଖଡ଼ିଆଳ ରାଜସ୍ୱ ବିଭାଗର ସଲାସୁତୁରା ରହିଥିବା ଅଭିଯୋଗ ହେଉଛି। ପରିବେଶ ଓ ପ୍ରଦୂଷଣ ନିୟମ ଉଲ୍ଲଘଂନ କରି ପଥରକ୍ୱାରୀରୁ ପଥର ଉତ୍ତୋଳନ ପାଇଁ ଅନୁମତି ଦେଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ନୂଆପଡ଼ା ଜିଲା ଖଡ଼ିଆଳ ତହସିଲର ରଷିଗାଁରୁ। ଗାଁର ଚତୁଃପାର୍ଶ୍ୱରେ ପଥରକ୍ୱାରୀଗୁଡିକ ରହିଥିବାରୁ ଗାଁରେ ରହିବା ଏକ ପ୍ରକାର ଦୁର୍ବିସହ ହୋଇଯାଇଥିବା ଗ୍ରାମବାସୀ କହିଛନ୍ତି। ବିଶେଷକରି ଗାଁକୁ ଲାଗି ରହିଥିବା ପଥରକ୍ୱାରୀ ଓ ଏକ କମ୍ପାନୀର କ୍ରସର ଉଚ୍ଚ ସମ୍ପନ୍ନ ବିସ୍ଫୋରଣ ଯୋଗୁ


ରଷିଗାଁରେ କ୍ରଶରରୁ ଗୁଣ୍ଡ ଉଡ଼ି ଧୂଆଁଭଳି ଦେଖାଯାଉଛି।

ଘରଗୁଡିକ ଫାଟି ଆଁ କଲାଣି। ଗାଁର ପରିବେଶ ଦୂଷିତ ହେବା ସହ ପଥରଗୁଣ୍ଡ ଉଡି ବିଭିନ୍ନ ପ୍ରକାର ଶ୍ୱାସ ରୋଗ ଦେଖାଦେଉଛି। ଦିନରାତି କ୍ରସର ମେସିନ ଚାଲୁଥିବାରୁ ପିଲାଙ୍କ ପାଠପଢିବାରେ ବ୍ୟାଘାତ ଦେଖାଦେଇଛି। ଏହି କ୍ରସର ବନ୍ଦ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ହେଁ ପ୍ରଶାସନ ନିରବ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖଡ଼ିଆଳ ତହସିଲ ଅଧୀନରେ ଥିବା ରଷିଗାଁ ଯୋଗୀମଠ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି ସତ। ହେଲେ ବର୍ତ୍ତମାନ ଖଡ଼ିଆଳ ତହସିଲ ବିଭାଗର ଖାମଖିଆଲି ନୀତି ଯୋଗୁ ଐତିହାସିକ ଯୋଗୀମଠ ଲୀନ ହେବାର ଆଶଙ୍କା ଦେଖାଦେଇଛି। ପଥର ମାଫିଆଙ୍କ କବ୍‌ଜାରେ ଏବେ ରଷିପୀଠ ଥିବା ବେଳେ ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରୁଛି ଖଡ଼ିଆଳ ରାଜସ୍ୱ ବିଭାଗ। ଦିନରାତି ପଥର ଖାଦାନ ଚାଲୁଥିବାରୁ ଧୂଳିଗୁଣ୍ଡରେ ସ୍ଥାନୀୟ ଜୀବନଯାପନ ଅସ୍ତବ୍ୟସ୍ତ ହୋଇପଡିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ସରକାରୀ ଧାର୍ଯ୍ୟ ପରିସୀମା ଓ ଗଭୀରତା ସବୁରେ ପଥରମାଫିଆ ରାଜସ୍ୱ ବିଭାଗକୁ ଭକୁଆ ବନେଇ ଶହଶହ ଗୁଣା ଅଧିକ କ୍ୱାରି ଲୁଟିଚାଲିଛନ୍ତି। ସରକାରୀ ନିୟମର ବେଖାତିର କରି ଦିନରାତି ହଜାର ହଜାର ଗାଡିରେ ପଥର ଚାଲାଣ ହେଉଛି। ଆଉ ଅତି ଆବଶ୍ୟକତା ହେଲେ ଧର୍ମକୁ ଆଖିଠାର ଭଳି ରାଜସ୍ୱ ବିଭାଗ ଚଢ଼ାଉ କରି ଅଳ୍ପ କିଛି ଫାଇନ କାଟି ଚୁପ ବସୁଥିବା ଅଭିଯୋଗ ହୋଇଛି। ବିଶେଷକରି ରଷିଗାଁ ପାଇଁ ଏହି ପଥରକ୍ୱାରିଗୁଡିକ ଅଭିଶାପ ସଦୃଶ ହୋଇଯାଇଛି। ଏହି ପଥର ଖାଦନଗୁଡିକୁ ବନ୍ଦ ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ହେଁ ପ୍ରଶାସନ କର୍ଣ୍ଣପାତ କରୁନାହିଁ।

# ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ନାରୀଙ୍କୁ ଆତ୍ମନିର୍ଭର କରିବ

## ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ରଜତ ଜୟନ୍ତୀ ମହୋତ୍ସବ

ସୋନପୁର,୧୦।୧୨(ନି.ପ୍ର.)



ଉଦ୍‌ଯାପନୀ ଉତ୍ସବରେ ବିଶେଷାଙ୍କ ସୁବର୍ଣ୍ଣା ଓ ପୁସ୍ତକ ଫଲସା ଫୁଲ୍‌କୁ ଅତିଥି ବୃନ୍ଦ ଉନ୍ମୋଚନ କରୁଛନ୍ତି ।

ସୁବର୍ଣ୍ଣପୁରର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ରଜତ ଜୟନ୍ତୀ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ତଥା ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ପ୍ରାକ୍ତନ ଅଧ୍ୟକ୍ଷା ନିବେଦିତା ନାୟକ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ନାୟକ ତାଙ୍କ ବକ୍ତବ୍ୟରେ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ନାରୀମାନଙ୍କୁ ଆତ୍ମନିର୍ଭରଶୀଳ କରିବ ବୋଲି କହିଥିଲେ। ପୂର୍ବରୁ ନାରୀମାନେ ସମାଜରେ ଅବହେଳିତ ଓ ନିର୍ଯ୍ୟାତିତ ଅବସ୍ଥାରେ ଥିଲେ। ନୂତନ ଆଇନ ପ୍ରଣୟନ ହେବା ଓ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଫଳରେ ନାରୀଙ୍କୁ ସମ୍ମାନ ମିଳିଛି। ମାନବ ଅଧିକାର କ୍ଷେତ୍ରରେ ମହିଳାମାନଙ୍କୁ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସୁଯୋଗ ସୃଷ୍ଟି କରିଛନ୍ତି। ନାରୀ ସଶକ୍ତିକରଣ ଓ ନାରୀ ସୁରକ୍ଷା କ୍ଷେତ୍ରରେ ସୁବର୍ଣ୍ଣା ଗତ ୩୦ବର୍ଷ ଧରି ଉଲ୍ଲେଖନୀୟ କାର୍ଯ୍ୟ କରିଛି ବୋଲି ନାୟକ ମତପ୍ରକାଶ କରିଥିଲେ।

ଏସ୍‌ପି ଅମରେଶ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ନିର୍ଯାତିତ ମହିଳାମାନଙ୍କ ସ୍ୱାର୍ଥ ରକ୍ଷା କରିବାରେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ସମଗ୍ର ରାଜ୍ୟରେ ଆଦର୍ଶ ପାଲଟିଥିବା କହିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ଉପଦେଷ୍ଟା ଯୋଗାଚାର୍ଯ୍ୟ ପ୍ରଫେସର ଜୟଦେବ ତନସନା ଉତ୍ସବରେ ଉପସ୍ଥିତ ରହି ସମଲେଶ୍ୱରୀଙ୍କ ଉପରେ ସ୍ୱରଚିତ ଭଜନ ଗାନ କରିଥିଲେ। ଲୋକ କବିରତ୍ନ ପଦ୍ମଶ୍ରୀ ଡ. ହଲଧର ନାଗ କୋସଲି କବିତା ଆବୃତ୍ତି କରି ମା, ମାଟି, ମାତୃଭାଷା ଓ ମାତୃ ସଂସ୍କୃତି ପ୍ରତି ସମର୍ପିତ ହେବା ପାଇଁ ପରାମର୍ଶ ଦେଇଥିଲେ। ସଭାରେ ଅନୁଷ୍ଠାନ ସଭାନେତ୍ରୀ ପ୍ରଫେସର ମୀନା ମହାରଣା ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା ମଞ୍ଜୁଳା ମିଶ୍ର ବିବରଣୀ ଉପସ୍ଥାପନ କରିଥିଲେ। ବରିଷ୍ଠ ସଭ୍ୟା ଇନ୍ଦୁମତୀ ପୁରୋହିତ ଓ ସୁନନ୍ଦା ସାହୁ ସଭାର ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ରଜତ ଜୟନ୍ତୀ ବିଶେଷାଙ୍କ ସୁବର୍ଣ୍ଣା ଓ ମୀନା ମହାରଣା ଏବଂ ଅଖୋଜ ଷାଣ୍ଢଙ୍କ କୋସଲି କବିତା ପୁସ୍ତକ ଫଲସା ଫୁଲ୍‌କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ସେହିଭଳି ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଅନୁଷ୍ଠାନର ହସ୍ତକ୍ଷେପ ଓ ପରାମର୍ଶକ୍ରମେ ପରିବାର ବିବାଦ ସମାଧାନ ହୋଇ ବର୍ତ୍ତମାନ ଖୁସିରେ ଥିବା କିଛି ଦମ୍ପତି ଏବଂ ପୀଡିତା ସେମାନଙ୍କର ଅନୁଭୂତି ବଖାଣିଥିଲେ। ଅନୁଷ୍ଠାନର ସଭ୍ୟା ଆରତୀ ଖମାରୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ମଞ୍ଜୁଳା ଝାଙ୍କର, କଳ୍ପନା ମେହେର, ଗୀତା ବହିଦାର, ପୁଷ୍ପା ମେହେର, ପ୍ରଦୀପ ବଣ୍ଡକି, ଭୁବନେଶ୍ୱର ମେହେର ଓ ଉର୍ମିଳା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଉପସଭାନେତ୍ରୀ ଭଗବତୀ ରାୟଗୁରୁ ଧନ୍ୟବାଦ ପ୍ରଦାନ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ଶ୍ରେୟା ଶ୍ରେୟଶ୍ରୀ ସାହୁ, ସଂସ୍କୃତି ମିଶ୍ର ଓ ନିରୂପମା ସୁନା ପ୍ରମୁଖ ପୁରସ୍କୃତ ହୋଇଥିଲେ। ପରେ ଗୁରୁ ତାରକ ଆଡ଼ଯୁଆଡ଼ି ଓ ସ୍ମୃତି ମେହେରଙ୍କ ସଂଯୋଜନାରେ ରାଧାକୃଷ୍ଣ ମହିଳା କୀର୍ତ୍ତନ ମଣ୍ଡଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜୀବନବ୍ୟାପୀ ସାଧନା ପାଇଁ ସମ୍ମାନିତ



ଡା. ଆମୋଦ ଚନ୍ଦ୍ର ମହାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଅମରପାଲି,୧୦।୧୨(ଡି.ଏନ.ଏ)

ଖ୍ୟାତନାମା ନେଫ୍ରୋଲୋଜିଷ୍ଟ ପ୍ରଫେସର ଡ଼ା ଆମୋଦ ଚନ୍ଦ୍ର ମହାକୁରଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ପାଇଁ ଇଣ୍ଡିଆନ ସୋସାଇଟି ଅଫ ନେଫ୍ରୋଲୋଜି ପକ୍ଷରୁ ସମ୍ମାନିତ କରାଯାଇଛି। ପୁନେର ଜେ. ଡବ୍ଲ୍ୟୁମ୍ୟାରିଅଟରେ ଅନୁଷ୍ଠିତ ଏକ ଉତ୍ସବରେ ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଡା.ରମଣ ଗାଙ୍ଗଖେଡକର୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡା.ମହାକୁରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ କଳାପଥର ଗ୍ରାମର ଡ଼ା.ମହାକୁର ସମ୍ପ୍ରତି ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲରେ ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାରେ ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ,କଳାପଥର ସମିତିସଭ୍ୟ ରବିଚନ୍ଦ୍ର ମହାକୁର,ସତ୍ୟବାଦୀ କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପ୍ରଧାନ, କଳାପଥର ସରପଞ୍ଚ ସୂର୍ଯ୍ୟକାନ୍ତି ମେହେର, ସ୍ୱେଚ୍ଛାସେବୀ ଦାଶରଥି ପଧାନ, ଶିକ୍ଷାବିତ ହୃଶୀକେଶ ରଥ, ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ପଦ୍ମିନୀ ବଘାର, ରାଜ୍ୟ ଡୁମାଲ ପରିଷଦ ଉପଦେଷ୍ଟା ଦେବାର୍ଚ୍ଚନ ଚାଉଲିଆ, ଡୁମାଲ ପରିଷଦ ଜିଲା ସଭାପତି ଭୂଷଣ ପାତ୍ର, ସମ୍ପାଦକ ବିଜୟ ମହାକୁର, ସମ୍ବିତ ମହାକୁର ପ୍ରମୁଖ ଡା ମହାକୁରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୧୫୨ ସ୍କୁଲରୁ ୧୯୮ ପ୍ରକଳ୍ପ ପ୍ରଦର୍ଶିତ

## ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ


ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ ।

ସରଣ୍ଡା,୧୦।୧୨(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଫିତାକାଟି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ ମୁଖ୍ୟ ଅତିଥି, ଏନ୍‌ଏସି ଅଧ୍ୟକ୍ଷା ଦୀପାଞ୍ଜଳି ଭରାସାଗର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ବାଗ ଏବଂ ତପନ କୁମାର ଦାଶ, ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ହରିପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମନୋରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ତପନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅତାବିରା ବ୍ଲକର ୧ମରୁ ୧୦ଶ୍ରେଣୀ ପର୍ଯ୍ୟନ୍ତ ୧୫୨ଟି ବିଦ୍ୟାଳୟର ମୋଟ୍ ୧୯୮ଟି ପ୍ରକଳ୍ପ ଭାଗ ନେଇଥିଲା। ୭ଟି ଉପବିଷୟରେ ୩ ପ୍ରଦର୍ଶନୀ ହୋଇଥିଲା। ପ୍ରଦର୍ଶନୀରେ ବିଭିନ୍ନ ବିଭାଗରେ ଟୋପ ଉଚ୍ଚ ବିଦ୍ୟାଳୟର କିରନ ପ୍ରଧାନ, ଖଇରପାଲି ଝୁଜିଝୁପିର ହୀମାଦ୍ରି ତନୟା ଭୁଏ, କାଦୋବାହାଲର ପ୍ରତୀକ୍ଷା ପଣ୍ଡା, ଟୋପ ଉଚ୍ଚ ବିଦ୍ୟାଳୟର ଦୀପାଂଶୁ ମହାପାତ୍ର, ଲସ୍ତଲା ଉଚ୍ଚବିଦ୍ୟାଳୟର ଡାଫୋଡିଲ ପତି, ଝିଲିମିଣ୍ଡା ଉଚ୍ଚବିଦ୍ୟାଳୟର କାଜଲ ମେହେର, ଲସ୍ତଲା ଉଚ୍ଚବିଦ୍ୟାଳୟର ସ୍ନେହା ସାହୁ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରରେ ଯୋଗଦେବା ପାଇଁ ମନୋନିତ ହୋଇଛନ୍ତି।

ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଅତାବିରା ଥାନାଧିକାରୀ ଅନିଲ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରଶ୍ମିରାଣୀ ନନ୍ଦ ଏବଂ କେଶବ ଛନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟଙ୍କଧର ପ୍ରଧାନ, ଶିବଶଙ୍କର ଦାଶ, ସୁବୋଧ କୁମାର ସାହୁ, ବନ୍ଦିତା ପ୍ରଧାନ, ସୁଜାତା କର୍ଣ୍ଣ, ନଳିନୀ ସାହୁ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ।

# ଡୁଙ୍ଗୁରିପାଲି ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା

ଡୁଙ୍ଗୁରିପାଲି, ୧୦।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ସହଲା ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥଭାବେ ଅବସରପ୍ରାପ୍ତ ଖେଳ ଶିକ୍ଷକ ଦେବରାଜ ସେଠ ଯୋଗଦେଇ କ୍ରୀଡା ପତାକାକୁ ଉତ୍ତୋଳନ କରିଥିଲେ। ରମେଶ ଗୁରୁଜୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓ ଖେଳ ପରିଚାଳନା ଅଶ୍ୱିନୀ ଗୁରୁଜୀ କରିଥଲେ। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ ଖେଳର ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଶ୍ରେଣୀ ଅନୁସାରେ ବିଭାଜନ କରାଯାଇ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥ ଭାବେ ଅବସରପ୍ରାପ୍ତ ଖେଳ ଶିକ୍ଷକ ଦୁର୍ଯ୍ୟୋଧନ ରାଉଲ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ଶିଶୁ ମନ୍ଦିର ସମ୍ପାଦକ ତପନ ଯୁଆଡ଼ି, ଦେବରାଜ ସେଠ, ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ, ମଞ୍ଚାସୀନ ଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ସହ ମାନପତ୍ର ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ଶିଶୁ ବର୍ଗର ସିଦ୍ଧାର୍ଥ ମେହେର ଓ ସୀତା ବେହେରା, ବାଳବର୍ଗର ଓମ ପ୍ରକାଶ ବେହେରା ଓ ସୌମ୍ୟା ପାଣ୍ଡେ, କିଶୋର ବର୍ଗର ପାପୁନ ପଧାନ ଓ ଚିନ୍ମୟୀ ବାରିକ ବିବେଚିତ ହୋଇଥିଲେ।

# ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ମିଳିତ ବୈଠକ

ବାଉଁଶୁଣୀ,୧୦।୧୨(ଡି.ଏନ.ଏ.)

ଶନିବାର ଦିନ ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ଦେଶବନ୍ଧୁ ମହାକୁଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ବେହେରା, ବିଜ୍ଞାନ ଶିକ୍ଷୟିତ୍ରୀ ଧରିତ୍ରୀ ତ୍ରିପାଠୀ, ବିଦ୍ୟାଳୟର ଯୋଗେଶ ଚନ୍ଦ୍ର ବାରିକ, ପ୍ରମୋଦ କୁମାର ପୂଜାହାରୀ, ଦିଲୀପ କୁମାର ବେହେରା, ଅଶୋକ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବେହେରା ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ସୁସମ୍ପର୍କ ନିହାତି ଜରୁରୀ ବୋଲି କହିଥିଲେ। ଜୟନ୍ତ କୁମାର ସାହୁ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଧରିତ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନବ ଅଧିକାର ଦିବସରେ ଆଲୋଚନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଜାମଟିକ୍ରା,୧୦।୧୨(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା ମହାବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରମୋଦ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ଦିବ୍ୟା ଭାରତୀ ନାଏକ, ସମୀର କୁମାର, ଦିଲୀପ ସାହୁ, ସୁନୀଲ କୁମାର ପଧାନ ଏବଂ ଗଣେଶ ସିଂ ଯୋଗଦେଇ ମାନବିକ ଅଧିକାର ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜର ଅଧ୍ୟାପକ ରବିନାରାୟଣ ନାଏକ, ପବିତ୍ର ମାହାଣା, ଡଃ ଅଜିତ କୁମାର ନାଥ ଯୋଗଦେଇ ନିଜ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀ ସଙ୍ଗୀତା ବାଗ, ଭାବନା ଆଚାର୍ଯ୍ୟ, କମଳିନୀ ପୋଢ, ନିକିତା ସାହୁ, ରେଣୁ ଚୌଧୁରୀ, ଚିନ୍ମୟ ଦୋରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମୀର କୁମ୍ବାର ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍‌ଘାଟିତ ହେଲା ବୌଦ୍ଧର ଧନୁଯାତ୍ରା

## ମଞ୍ଚସ୍ଥ ହେଲା ନାଟକ ଧର୍ମ ସଂସ୍ଥାପନାର୍ଥାୟେ


ଧନୁଯାତ୍ରା ଉଦ୍‌ଘାଟନ ଅବସରରେ ଅତିଥିମାନେ।

ବୌଦ୍ଧ,୧୦।୧୨(ସ୍ୱ.ପ୍ର.)

କରୋନା ଯୋଗୁ ବନ୍ଦ ହୋଇଥିବା ଧନୁଯାତ୍ରା ଦୀର୍ଘ ଦୁଇ ବର୍ଷ ପରେ ପୁଣି ବୌଦ୍ଧରେ ଆରମ୍ଭ ହୋଇଛି । ବୌଦ୍ଧ ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଶନିବାର ଦିନ ଉଦ୍‌ଘାଟିତ ହୋଇଛି ଧନୁଯାତ୍ରା। ମୁଖ୍ୟଅତିଥି ଭାବେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଦିବସରେ ନାଟ୍ୟ କଳା ପରିଷଦ ପକ୍ଷରୁ ସକାଳେ ମହାନଦୀ ନିକଟରୁ ଏକ କଳସ ଶୋଭାଯାତ୍ରା ବାହାରି ମଦନ ମୋହନ ଜୀଉଙ୍କ ମନ୍ଦିରକୁ ଆସିବା ପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ନାଟୋତ୍ସବର ପ୍ରଥମ ଦିନରେ ପରିବେଷଣ ହୋଇଥିଲା ନାଟକ ଧର୍ମ ସଂସ୍ଥାପନାର୍ଥାୟେ। ଏହି ନାଟକରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ୱର୍ଗାରୋହଣ, ଦ୍ୱାପରରେ କୃଷ୍ଣ ଅବତାର ପାଇଁ ପରିକଳ୍ପନା କରିବା ସଙ୍ଗେ ସଙ୍ଗେ କଂସର ଜନ୍ମ ଏବଂ ଦେବକୀ ଓ ବସୁଦେବଙ୍କ ବିବାହ ପରେ ଶୂନ୍ୟବାଣୀ ଆଦି ପରିବେଷିତ ହୋଇଥିଲା । ଦୀର୍ଘ ୮ ଦିନ ଧରି ହେବାକୁ ଥିବା ଏହି ନାଟୋତ୍ସବରେ ବୌଦ୍ଧ ଜିଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ କରାଯିବ। ଏହି ଯାତ୍ରା ସମୟରେ ସହରବାସୀଙ୍କୁ ନାଟକର ଭାବଧାରାରେ ବାନ୍ଧି ରଖିବା ପାଇଁ ସହରର ବିଭିନ୍ନ ଛକଜାଗାରେ ପଥପ୍ରାନ୍ତ ନାଟକ ଆୟୋଜନର ବ୍ୟବସ୍ଥା କରାଯାଇଛି। ନାଟ୍ୟ ପରିଷଦର ସଭାପତି ଆଦତ୍ୟ ପୂଜାହାରୀ ଓ ସଂପାଦକ ପଙ୍କଜ ମେହେରଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ପରିଚାଳନା ହେଉଛି । ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମୀନାବଜାରର ଆୟୋଜନ କରାଯାଇଛି।

# ଅଭିଭାବକ–ଶିକ୍ଷକ ସଂଘ ବୈଠକ

ଗୁଡ଼ଭେଲା,୧୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦୁଷୁରା ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତପି କୁଅଁରଙ୍କ ଅଧ୍ୟକ୍ଷତାରେ ଅଭିଭାବକ–ଶିକ୍ଷକ ସଂଘର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକକୁ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସଞ୍ଚାଳନ କରିଥିଲେ। ଉକ୍ତ ବୈଠକରେ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମର ଅଗ୍ରଗତି ଓ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଆଲୋଚନା କରାଯାଇଥିଲା।

# ରାଜନୀତିକୁ ଆସୁଥିବା ମହିଳାଙ୍କୁ ଅସମ୍ମାନ ଆଦୌ ଶୋଭନୀୟ ନୁହେଁ: ବିଜେଡି

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନରେ ବିଜୟ ପରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ନିଜ ପିତାଙ୍କୁ ହରାଇଥିବା ଓଡ଼ିଆ ଆଦିବାସୀ ମହିଳା ବର୍ଷା ସିଂ ବରିହାଙ୍କ ବିରୋଧରେ ଓଡ଼ିଶା ଭାଜପା ନେତାମାନେ ଅପମାନିତ, ଅଶୋଭନୀୟ ଏବଂ ଅପମାନଜନକ ମନ୍ତବ୍ୟ ଦେଇଛନ୍ତି। ରାଜନୀତିକୁ ଆସୁଥିବା ମହିଳାଙ୍କ ପ୍ରତି ଏଭଳି କହିବା ଆଦୌ ଶୋଭନୀୟ ନୁହେଁ ବୋଲି ବିଜୁ ଜନତା ଦଳ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିବୃତି ଉପରେ ପ୍ରତିକ୍ରିୟା ରଖି ଏହା କହିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବିବୃତିରେ କୁହାଯାଇଛି ଯେ ‘‘ନମ୍ରତାର ସହିତ ମୁଁ ରାଜ୍ୟ ଭାଜପା ନେତାମାନଙ୍କୁ ନିବେଦନ କରିବାକୁ ଚାହେଁ ଯେ ସାଧାରଣ ଜୀବନରେ ପ୍ରବେଶ କରୁଥିବା ମହିଳାଙ୍କୁ ଅସମ୍ମାନ କରା ନ ଯାଉ, କାରଣ ଏଭଳି ଆଚରଣକୁ ବର୍ତ୍ତମାନ କିମ୍ବା ଭବିଷ୍ୟତରେ ଓଡ଼ିଶାବାସୀ ଆଦୌ ପ୍ରଶଂସା କରିବେ ନାହିଁ।’’ ରାଜନୀତିରେ ମହିଳାମାନଙ୍କର ଅଂଶଗ୍ରହଣ ଭାରତରେ ବହୁତ କମ୍। ଏହି ପ୍ରକାରର ଅପମାନଜନକ ମନ୍ତବ୍ୟ ଏବଂ ଆଚରଣ ମହିଳାମାନଙ୍କୁ ରାଜନୀତିରେ ପ୍ରବେଶରୁ ଦୂରେଇ ଦେବ। କେନ୍ଦ୍ରମନ୍ତ୍ରୀ ବୁଝିବା ଉଚିତ ଯେ ଏହା ରାଜନୀତିରେ ପ୍ରବେଶ କରୁଥିବା ମହିଳାଙ୍କ ପ୍ରତି ଅସମ୍ମାନ। ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଏକ ରାଜନୈତିକ ପ୍ରସଙ୍ଗ ଭାବରେ ଗ୍ରହଣ ନ କରିବା ଉଚିତ। ଏହି ପ୍ରକ୍ରିୟାରେ ସେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକୁ ବିବୃତି ଭିତରକୁ ଟାଣିବାକୁ ଚେଷ୍ଟା କରିଛନ୍ତି, ଯାହା ଦୁର୍ଭାଗ୍ୟଜନକ ଏବଂ ବିଭ୍ରାନ୍ତିକର। ଆମେ ନିଶ୍ଚିତ ଯେ ପ୍ରଧାନମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତାମାନେ ବର୍ଷା ସିଂ ବରିହାଙ୍କ ସମେତ ଦେଶରେ ମହିଳାଙ୍କ ବିରୋଧରେ କରାଯାଉଥିବା ବ୍ୟକ୍ତିଗତ ଅପମାନଜନକ ବିବୃତିକୁ ନିଶ୍ଚିତ ନିନ୍ଦା କରିବେ ବୋଲି ପାତ୍ର କହିଛନ୍ତି।

# ପଦ୍ମପୁର ଉପନିର୍ବାଚନ ଫଳାଫଳ ସମୀକ୍ଷା ଖୁବ୍‌ଶୀଘ୍ର: କଂଗ୍ରେସ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନରେ କଂଗ୍ରେସ ନିଜର ସମସ୍ତ ଶକ୍ତି ଲଗାଇ ଲଢ଼ିଥିଲା। ପଦ୍ମପୁରବାସୀଙ୍କ ରାୟକୁ କଂଗ୍ରେସ ବିନମ୍ରତା ସହିତ ଗ୍ରହଣ କରିଛି। ଏହି ଉପନିର୍ବାଚନର ଫଳାଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ସ୍ୱୀକାର କରିଛନ୍ତି। କଂଗ୍ରେସ ଏକ ବିଶାଳ ଦଳ। ବହୁ ଘାତପ୍ରତିଘାତ ଏବଂ ଉପରତଳ ଦେଇ ଗତି କରିଛି। କିନ୍ତୁ କଂଗ୍ରେସ ଏବଂ ଦଳର କର୍ମୀ, ନେତୃବୃନ୍ଦ ଏଥିପ୍ରତି ଆଦୌ ଭୟଭୀତ ନୁହନ୍ତି ବା ବିଶ୍ୱାସ ହରାଇନାହାନ୍ତି ବୋଲି ଶନିବାର ପ୍ରଦେଶ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ ଗଣମାଧ୍ୟମକୁ କହିଛନ୍ତି। ଆସନ୍ତା ଦିନରେ କଂଗ୍ରେସ ସମସ୍ତ ନେତୃବର୍ଗଙ୍କୁ ଏକଜୁଟ କରି ଓ ମତାମତ ନେଇ ୨୦୨୪ ସାଧାରଣ ନିର୍ବାଚନକୁ ଓହ୍ଲାଇବ। ଏହାସହି ସହିତ ପ୍ରଦେଶ କଂଗ୍ରେସ ସଭାପତି ଯେଉଁ ୯ରୁ ୯୦ ଡାକରା ଦେଇଛନ୍ତି ତାହାକୁ ସାକାର କରିବା ପାଇଁ ସମସ୍ତ ନେତୃବର୍ଗ ପ୍ରତ୍ୟେକ ସ୍ତରରେ ଅକ୍ଳାନ୍ତ ପରିଶ୍ରମ କରିବା ସହିତ ଜନତାଙ୍କ ବିଶ୍ୱାସଭାଜନ ହେବେ। ଦାସ ଅତ୍ୟନ୍ତ କ୍ଷୋଭର ସହିତ କହିଲେ, ଯେଉଁମାନେ କଂଗ୍ରେସ ଭୋଟ ବିକ୍ରି କଥା କହୁଛନ୍ତି ସେମାନେ ବାସ୍ତବରେ କଂଗ୍ରେସର ଜିନ୍ ସହିତ ପରିଚିତ ନୁହନ୍ତି। କଂଗ୍ରେସ ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବିଶ୍ୱାସ କରେ। କଂଗ୍ରେସ ମୂଳଚାଳକୁ ବିଶ୍ୱାସ କରେ ନାହିଁ। ଯେଉଁମାନେ ଗଣମାଧ୍ୟମରେ ଏକଥା କହୁଛନ୍ତି, ସେମାନେ କଂଗ୍ରେସକୁ ଅପଦସ୍ଥ କରିବାପାଇଁ ଚାହୁଁଛନ୍ତି। କୌଣସି ଦଳୀୟ ସମସ୍ୟାକୁ ଦଳର ଶୃଙ୍ଖଳା ଭିତରେ ଉତ୍ଥାପନ କରାଯିବା ଉଚିତ। ଦଳ ବାହାରେ ଏକଥାକୁ ଆଲୋଚନା କରାଯିବା ଦ୍ୱାରା କଂଗ୍ରେସକୁ ଭଲ ପାଉଥିବା ଅସଂଖ୍ୟ ଭୋଟର, ନେତୃବର୍ଗ, କର୍ମୀଙ୍କୁ ହତୋତ୍ସାହିତ କରାଯାଉଛି। ଶୃଙ୍ଖଳା ଦଳର ପ୍ରଗତିର ପ୍ରଥମ ମାପକାଠି। ରାହୁଲ ଗାନ୍ଧୀଙ୍କ ଭାରତଯୋଡ଼ ଯାତ୍ରା ଭାରତବର୍ଷରେ ଅତ୍ୟନ୍ତ ସଫଳତାର ସହିତ ଆଗେଇ ଚାଲିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ଏକ ନୂଆ ରାଜନୈତିକ ସମୀକରଣ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ଅଛି। ଏଥିପାଇଁ ଆମ ସମସ୍ତଙ୍କୁ ଏକ ମନ, ଏକ ପ୍ରାଣ ହୋଇ କାମ କରିବାକୁ ପଡ଼ିବ ବୋଲି ପ୍ରଦେଶ କଂଗ୍ରେସ ସଭାପତିଙ୍କ ଉକ୍ତିକୁ ଦାସ ଦୋହରାଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ମନୋରଞ୍ଜନ ଦାଶ, ରଜନୀ ମହାନ୍ତି, ଅମିୟ ପାଣ୍ଡବ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଶ୍ରୀ ସତ୍ୟସାଇ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର, ଚାରଭାଟି ସାଶ୍ୱତ କଲୋନୀ, ସକାଳ ୯ଟା।
- ଆର୍ଯ୍ୟ ସମାଜ ସମ୍ବଲପୁର ଶାଖାର ବାର୍ଷିକ ଉତ୍ସବ, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଗଳିସ୍ଥିତ କାର୍ଯ୍ୟାଳୟ, ସକାଳ ୮ଟା।
- ସମ୍ବଲପୁର କଳା ଏକାଡେମୀ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ଧନୁପାଲି ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଓଡିଶା କମର୍ସ ଆସୋସିଏଶନ ଆୟୋଜିତ ଜାତୀୟ କର୍ମଶାଳା ଉଦ୍‌ଯାପନୀ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ସାଢ଼େ ୧୦ଟା ।
- ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା, ଧନୁପାଲି ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ସଭା କକ୍ଷ, ପୂର୍ବାହ୍ନ ୧୧ଟା।
- କଖଗ ଆୟୋଜିତ ନାଟ୍ୟୋତ୍ସବ ଉଦ୍‌ଯାପନୀ ଉତ୍ସବ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା।

## ସଂକ୍ଷେପରେ

### ସୁନ୍ଦରଗଡ଼ରେ ପଦ୍ମଶ୍ରୀ ବାବା ବଳିଆ

**ସୁନ୍ଦରଗଡ଼,୧୦।୧୨(ଡି.ଏନ୍.ଏ.):** ସମାଜ ସଂସ୍କାରକ ସନ୍ଥ ପଦ୍ମଶ୍ରୀ ବାବା ବଳିଆ ଶୁକ୍ରବାର ସନ୍ଧ୍ୟାରେ ସୁନ୍ଦରଗଡ଼ ସହରରେ ପହଞ୍ଚିଛନ୍ତି। ଅନନ୍ତ ବଳିଆ ପରିବାର ସୁନ୍ଦରଗଡ଼ ଶାଖା ତରଫରୁ ଆୟୋଜିତ ତିନିଦିନିଆ 'ଗୀତା କଥାମୃତ' ଓ ପୂଜ୍ୟପୂଜା ସମାରୋହରେ ଯୋଗଦାନ କରି ଉଦ୍‌ଘାଟନ କରିଛନ୍ତି। ଗୀତାରେ ଜୀବନ ଦର୍ଶନ ତତ୍ତ୍ୱ ଆଲୋଚନା ସହ ଆସନ୍ତା ୧୧ତାରିଖରେ ଉଦ୍‌ଯାପନ ଉତ୍ସବରେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ପଦ୍ମଶ୍ରୀ ହଳଧର ନାଗ, ସାହିତ୍ୟିକ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ବିଶିଷ୍ଟ ଚିକିତ୍ସକ ଡା. ଶଙ୍କର ରାମ ଚନ୍ଦାନୀ, ସମାଜସେବୀ ଅରୁଣ ପୃଷ୍ଟେଠ ପ୍ରମୁଖ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନନ୍ତ ବଳିଆ ପରିବାର ସୁନ୍ଦରଗଡ ଶାଖା ସଂଯୋଜକ ଲୀଲାଧର କାଲୋ ସୂଚିତ କରିଛନ୍ତି।

### ଚୋରା କୋଇଲା ସହ ଟ୍ରକ ଜବତ: ଚାଳକ ଓ ହେଲପର ଗିରଫ



**ରାଜଗାଙ୍ଗପୁର, ୧୦।୧୨ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ତଥା କାଂଶବାହାଲ ଫାଣ୍ଡି ଅଧିନସ୍ଥ ମାଣ୍ଡିଆକୁଦରରୁ ଚୋରା ଚାଲାଣ ହେଉଥିବା କୋଇଲା ସହ ଟ୍ରକ ଜବତ କରାଯାଇଛି। ଟ୍ରକ ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ କାଂଶବାହାଲ ଫାଣ୍ଡି ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ବିଜୟ କୁମାର କର ଶନିବାର ହାଇୱେ ପାଟ୍ରୋଲିଂ କରୁଥିବା ସମୟରେ ମାଣ୍ଡିଆକୁଦର ନିକଟରେ ଏକ କୋଇଲା ବୋଝେଇ ଟ୍ରକ ଛିଡା ହୋଇଥିଲା। ସନ୍ଦେହ ଲାଗିବାରୁ ଡ୍ରାଇଭରଙ୍କୁ କାଗଜପତ୍ର ମଗାଯାଇଥିଲା। କିନ୍ତୁ ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ତେଣୁ ପୋଲିସ ଦ୍ୱାରା ଉକ୍ତ ଟ୍ରକ ନଂ. ଓଆର ୨୩ ବି ୮୨୮୪କୁ ଜବତ କରିବା ସହ ଟ୍ରକର ଡ୍ରାଇଭର ସେଉଚାନ୍ଦ ଯାଦବ ଓ ହେଲପର ଲୁଟାନ ଯାଦବଙ୍କୁ ଗିରଫ କରାଯାଇଛି। ଏହି ସଂକ୍ରାନ୍ତରେ ପୋଲିସର ତଦନ୍ତ ଜାରି ରହିଛି। ଟ୍ରକରେ ୧୦ ଟନ୍‌ରୁ ଉର୍ଦ୍ଧ୍ୱ ଚୋରା କୋଇଲା ବୋଝେଇ ହୋଇ ରହିଛି।

### ହୋଟେଲରେ ଜୁଆଖେଳ, ୧୩ ଗିରଫ

**ରାଉରକେଲା ଅଫିସ,୧୦।୧୨:** ରାଉରକେଲା ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲ ଟାଉନସିପ୍ ଅଞ୍ଚଳରେ ଥିବା ଏକ ହୋଟେଲରେ ଜୁଆଖେଳ ଚାଲିଥିବାବେଳେ ଶନିବାର ସନ୍ଧ୍ୟାରେ ପୋଲିସ ଚଢାଉ କରି ୧୩ ଜଣଙ୍କୁ ଗିରଫ କରିଛି। ଚଢାଉ ବେଳେ ୧୩ ଲକ୍ଷ ଟଙ୍କା ସହ ୧୧ଟି ମୋବାଇଲ, ୨ଟି ତାସ୍ ପତା ଅନ୍ୟାନ୍ୟ ଜୁଆ ଖେଳ ସାମଗ୍ରୀକୁ ଜବତ କରିଥିଲା। ଏ ନେଇ ରଘୁନାଥପାଲି ପୋଲିସ ଏକ ମାମଲା (ନଂ.୩୮୩।୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଶନିବାର ସିଭିଲ ଟାଉନସିପ୍ ସ୍ଥିତ ଏକ ହୋଟେଲ ରୁମ୍‌ରେ ଜୁଆଖେଳ ଚାଲିଥିଲା। ଏଥିରେ ଉକ୍ତ ହୋଟେଲର ଜଣେ କର୍ମଚାରୀ ମଧ୍ୟ ସାମିଲ ଥିଲେ। କୌଣସି ସୂତ୍ରରୁ ଖବର ପାଇ ରଘୁନାଥପାଲି ଥାନାଧିକାରୀ ସୁବ୍ରତ ମେହେର ସନ୍ଧ୍ୟା ୭ଟାରେ ସେଠାରେ ଚଢାଉ କରି ୧୩ ଜଣଙ୍କୁ ଗିରଫ କରିଥିଲା।

# ମଞ୍ଚସ୍ଥ ହେଲା ନାଟକ 'ତାରି ଲାଗି'

**ଦେବଗଡ଼, ୧୦।୧୨(ଡି.ଏନ୍.ଏ.)**

ଦେବଗଡ଼ ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ୧୮ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ବାଲେଶ୍ୱରର ନାୟିକା ଅନୁଷ୍ଠାନର 'ତାରି ଲାଗି' ନାଟକ ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ ପୌରପରିଷଦର ଉପନଗରପାଳ ପ୍ରଜିତ ଭୋଜ (ଝୁନୁ), ଜିଲା ଓକିଲ ସଂଘର ସଭାପତି ସଚ୍ଚିକାନ୍ତ ଦାଶ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଜିତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜନ୍ମେଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ପ୍ରକାଶ ଚନ୍ଦ୍ର ଦେବତା ଧନ୍ୟବାଦ ଦେଇଥିଲେ। ଏହା ପରେ ବାଲେଶ୍ୱରର ନାୟିକା ଅନୁଷ୍ଠାନର ବିଜୟ ମିଶ୍ରଙ୍କ ରଚିତ ଏବଂ ସୁସ୍ମିତା ରଣା ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ତାରି ଲାଗି' ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକରେ ପ୍ରଦର୍ଶିତ ବିଳାସ ବାବୁଙ୍କ ଜୀବନ କାଳରେ ଗୋଟିଏ ଦିନର ଘଟଣା। ଛୋଟିଆ ଖଣ୍ଡେ କାଗଜ ପାଇଁ ଏମିତି ଏକ ବିଭ୍ରାଟ ସୃଷ୍ଟି ହେବ କେହି କଣ କେବେ ଭାବିଥିଲେ। ବଞ୍ଚି ଆସୁଥିବା ଚରିତ୍ର ଭିତରୁ ବାହାରି ଆସି ସେ ଯେଉଁ ବ୍ୟତିକ୍ରମ ସୃଷ୍ଟି କଲେ ସେଇଟା ସାରା ପରିବାରକୁ ତାଙ୍କ ଚାରିପାଖରେ ଗଢି ଉଠିଥିବା ସମାଜକୁ ତାଙ୍କ ଠାରୁ ବିଚ୍ଛିନ୍ନ କରିଦେଲା। ନାଟକ 'ତାରି ଲାଗି' ମାଧ୍ୟମରେ କଳାକାରମାନେ ଭିନ୍ନ ଧରଣର ଏକ ନାଟକ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଚିତ୍ତରଞ୍ଜନ ଦାସ, ବଂଶୀଧର ସାହୁ, ଶିବାଶିଷ ଝାଙ୍କର, ମଙ୍ଗଳ ମହାକୁଲ, ରାକେଶ ଶତପଥି, ଶ୍ରବଣ ନାଏକ ସମତେ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।






ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଓ ନାଟକର ଏକ ଦୃଶ୍ୟ।

**ସର୍ବଭାରତୀୟ ବହୁଭାଷୀ ନାଟକ, ନୃତ୍ୟ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

# ଦେବଗଡ଼କୁ ହରାଇ ସମ୍ବଲପୁର ଫାଇନାଲରେ



ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଅତିଥିଙ୍କ ସହ ଖେଳାଳି।

**ଦେବଗଡ଼, ୧୦।୧୨(ଡି.ଏନ୍.ଏ.)**

**ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶନିବାର ମ୍ୟାଚରେ ସମ୍ବଲପୁର ଡ଼ଲଫିନ କ୍ଲବ ଦେବଗଡ଼ ଦଳକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି। ଅନୁଷ୍ଠିତ ଗ୍ରୁପ 'ବି'ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସମ୍ବଲପୁର ଦଳ ୩-୨ ଗୋଲରେ ଦେବଗଡ଼ ଦଳକୁ ପରାସ୍ତ କରିଛି। ମ୍ୟାଚରେ ସମ୍ବଲପୁର ଦଳର ଖେଳାଳି ବିଜୁ ଓରାମ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଛନ୍ତି। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ, ସମ୍ମାନିତ ଅତିଥି ଭାବେ ବିଜେଡି କୃଷକ ସେଲ୍ ଉପସଭାପତି ଅମରେନ୍ଦ୍ର ଗଙ୍ଗଦେବ, ସାମ୍ବାଦିକ ଶଶାଙ୍କ ଶେଖର ଝାଙ୍କର, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଆଡ୍‌ଭୋକେଟ ବିକାଶ ପ୍ରଧାନ, କାଉନସିଲର ଯତୀନ ନାଏକ, ପ୍ରମିଳା ବେହେରା, ସଂଯୁକ୍ତା ଆଚାର୍ଯ୍ୟ, ବାସନ୍ତୀ ମଣି ମାଝି ପ୍ରମୁଖ ଯୋଗଦେବା ସହ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ଖେଳକୁ ବିଜୟ କୁଲସରି, ନୀଳ ନାଏକ, ରାଜୁ ମଣ୍ଡଳ ଓ ସୌରଭ ନାଏକ ପରିଚାଳନା କରିଥିଲେ। ଧାରାବିବରଣୀ ବେଣୁଧର ଗଡନାୟକ ପ୍ରଦାନ କରିଥିଲେ। କ୍ଲବର ସଭାପତି ଯୋଗେଶ୍ୱର ସାହୁ, ସମ୍ପାଦକ ସଞ୍ଜିତ ନାଏକ, କୋଷାଧ୍ୟକ୍ଷ ସଞ୍ଜିବ ବେହେରା, ସୁବାସ ଭୋଇ, ଅଲେଖ ନାଏକ, ଦୀପକ ବେହେରା, ସନ୍ତୋଷ ଭୋଇ, ପ୍ରଦୀପ ବେହେରା, ଅନନ୍ତ ମେହେର, ରୂପକ ମାଝୀ, ଶରତ ମେହେର, ବିକାଶ ଅଗ୍ରୱାଲ, ଯୋଗେଶ ନାଏକ, ବାବୁଲୁ ଜେନା, ଚିତ୍ତମୋହନ ନନ୍ଦ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ଖେଳ ଅନୁଷ୍ଠିତ ହୋଇଥିଲା। ରବିବାର ସମ୍ବଲପୁର ବନାମ ରାଞ୍ଚି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ଦେବଗଡ଼, ୧୦।୧୨(ଡି.ଏନ୍.ଏ.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ହେଟଖମାର ଗ୍ରାମରେ ମା' ମହାଲକ୍ଷ୍ମୀ ମହିଳା ସମିତି ଓ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ମାର୍ଗଶୀର ମାସ ଶେଷ ଗୁରୁବାର ମା' ମହାଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ସମିତିର ସଭାନେତ୍ରୀ ସନ୍ତୋଷିନୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳାମାନଙ୍କ ମଧ୍ୟରେ କଳସି ବୁହା, ଝୋଟି, ମ୍ୟୁଜିକ ଚେୟାର ଓ ହୁଲୁହୁଳି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ସହିତ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଣାଅଜଣା, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଦିଲ୍ଲୀପ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଢୋଲପଡା ପଞ୍ଚାୟତର ସରପଞ୍ଚ ଅନୀତା ପାତ୍ର, ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ. ବିନୀତା ମହାପାତ୍ର, ବରିଷ୍ଠ ନାଗରିକ ଶଶୀଭୂଷଣ ସାହୁ, ଅବନୀକାନ୍ତ ରଣା, ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଗ୍ରାମାଞ୍ଚଳରେ ଥିବା ପ୍ରତିଭା ବିକାଶ ନିମନ୍ତେ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଜୟ ରଣା, ବିବେକାନନ୍ଦ ଭୋଇ, ମାନସ ପଣ୍ଡା, ଅନୁପମା ବରିହା, ପୂର୍ଣ୍ଣବାସୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅତିଥି, ପ୍ରତିଯୋଗୀ।

# ସୁନ୍ଦରଗଡ଼ ଜିଲା କୃଷକ ସାଥୀ ସଂଘର ବୈଠକ

**ଲେଫ୍ରିପଡ଼ା,୧୦।୧୨(ଡ଼ି.ଏନ.ଏ.)**



ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ସରପଗଡ଼ ଡ୍ୟାମଠାରେ କୃଷକ ସାଥୀ ସଂଘର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ସଂଘର ସଭାପତି ଗଜେନ୍ଦ୍ର ସାଏ ସଭାପତିତ୍ୱ କରିଥିଲେ। ଏଥିରେ ବାଲିଶଙ୍କରା, ସବ୍‌ଡେଗା, ଟାଙ୍ଗରପାଲି, ହେମଗିର ଏବଂ ସଦର ବ୍ଲକର କୃଷକସାଥୀ ଯୋଗଦାନ କରିଥିଲେ। ସଂଘ ପକ୍ଷରୁ ରାଜ୍ୟ କୃଷକ ସାଥୀ ସଂଘର ଅଗ୍ରଗତି ଏବଂ କାର୍ଯ୍ୟକଳାପ ସମ୍ପର୍କରେ ପ୍ରଥମେ ଆଲୋଚନା କରାଯାଇଥିଲା। ସରକାର କୃଷକ ସାଥୀମାନଙ୍କୁ କୃଷି କର୍ମଚାରୀ ଭାବେ ମାସିକିଆ ଦରମା ପ୍ରଦାନ କରିବା ପାଇଁ କହିଥିଲେ। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଅତୀତରେ ବିଭିନ୍ନ ବ୍ଲକରେ କୃଷକ ସାଥୀଙ୍କ ପକ୍ଷରୁ ନିଜର ହକ ସକାଶେ କୃଷି କାର୍ଯ୍ୟାଳୟ ଘେରାଓ କରାଯାଇଥିବା ସମୟରେ ଉପରିସ୍ଥ କୃଷି କର୍ମଚାରୀମାନେ ବିଭିନ୍ନ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ମଧ୍ୟ କୌଣସି କାର୍ଯ୍ୟ ପାଳନ ହୋଇ ପାରୁନାହିଁ। ତେଣୁ ଆଗାମୀ ଦିନରେ ସଂଘକୁ ମଜବୁତ କରି ନିଜର ହକ ପାଇବା ଦିଗରେ ସମସ୍ତେ ଆଗେଇ ଆସିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ଦେବେନ୍ଦ୍ର ନାଏକ, ରାମେଶ୍ୱର ସିଂ, ଟିକେଶ୍ୱର ପ୍ରଧାନ, ଉଦିତ ପଟେଲ, ନୀଳମଣି ମଗର, ତପିବର ବେହେରା, ଟିକେଶ୍ୱର ବେହେରା, ସୁନୀଲ ପଟେଲ, ବିଜୟାନନ୍ଦ ସା, ଗଜେନ୍ଦ୍ର ନାଏକ ପ୍ରମୁଖଙ୍କ ସହ ସମସ୍ତ କୃଷକ ସାଥୀ ଯୋଗଦାନ କରିଥିଲେ।

# ନଗର କ୍ରୀଡ଼ା ଉତ୍ସବ: ମ୍ୟୁନିସିପାଲ କଲେଜ, ଡିଏଭି ସ୍କୁଲ ଚାମ୍ପିୟନ

**ରାଉରକେଲା ଅଫିସ,୧୦।୧୨**

ରାଉରକେଲା ସହରରେ ଆର୍‌ଏମ୍‌ସି ପକ୍ଷରୁ ଆୟୋଜିତ ନଗର କ୍ରୀଡ଼ା ଉତ୍ସବର ୩ୟ ଦିନରେ କବାଡିର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ବରିଷ୍ଠ ବର୍ଗରେ ମ୍ୟୁନିସିପାଲ କଲେଜ ଚାମ୍ପିୟନ ହୋଇଥିବାବେଳେ କନିଷ୍ଠ ବାଳକ ଓ ବାଳିକା ବିଭାଗରେ ଡିଏଭି ପବ୍ଲିକ ସ୍କୁଲ ବିଜେତା ହୋଇଛନ୍ତି। ଆଜିର ଫାଇନାଲ ମ୍ୟାଚ୍‌ରେ ବରିଷ୍ଠ ବାଳକ ବିଭାଗରେ ଆୟୁଷ ଦାଶ, କନିଷ୍ଠ ବାଳକ ବିଭାଗରେ ରାଜକୁମାର ଲାକ୍ରା ଓ ବାଳିକା ବିଭାଗରେ ସୁମିତ୍ର ପଣ୍ଡା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୩ଟି ଯାକର ବିଜେତା ଟିମ୍‌କୁ ୩୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ୨୦ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯିବ। ଅନ୍ୟପକ୍ଷେ ପାନପୋଷ ସ୍ପୋର୍ଟସ ହଷ୍ଟେଲ ଖେଳ ପଡିଆରେ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜଗଦା ହକି ଦଳକୁ ୧-୪ ଗୋଲରେ ପରାସ୍ତ କରି ରାଇଜିଂ ଷ୍ଟାର ହକି ଦଳ ବିଜୟୀ ହୋଇଥିଲା। ସରକାରୀ ଆଇଟିଆଇ ହକି ଦଳକୁ ୩-୦ ଗୋଲରେ ଶାନ୍ କ୍ଲବକୁ ପରାସ୍ତ କରିଛନ୍ତି। ସେହିପରି ଡିଏଭି ଏସ୍‌କେ ଡିଏଭି ପଲିଟେକ୍ନିକ, ରାଇଜିଂ ଓ ସିଭିଲ ଟାଉନସିପ୍ ଖେଳ ପଡିଆରେ ଖୋଖୋ ଓ ଭଲିବଲ ଖେଳ ପ୍ରଦର୍ଶନ କରାଯାଇଥିଲା।

# ଚାଷୀଙ୍କୁ ସଚେତନ କରାଇଲେ ଛାତ୍ରୀଛାତ୍ର

**ସୁନ୍ଦରଗଡ଼,୧୦।୧୨(ଡି.ଏନ୍.ଏ.)**

ପରିବେଶକୁ ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏହାକୁ ରକ୍ଷା ନ କଲେ ଆମ ପରିବେଶ ସହିତ ଜୀବଜଗତ ତଥା ଜନସାଧାରଣଙ୍କ ଉପରେ ଏହାର କୁପ୍ରଭାବ ପଡିଥାଏ। ଏହାର ପ୍ରତିକୂଳ ପ୍ରଭାବରେ ଆମର୍ ଅନେକ କ୍ଷତି ହୋଇଥାଏ। ଏହାକୁ ଆଖି ଆଗରେ ରଖି ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଛାତ୍ର ସଂଘ ପକ୍ଷରୁ ଏକ ଅଭିନବ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ନବମ ଶ୍ରେଣୀ ଛାତ୍ରୀ ସ୍ମୃତି ଶିଖା ଶତପଥୀ ଓ ଛାତ୍ର ଅଭିଜ୍ଞାନ ତ୍ରିପାଠୀ ସ୍ଥାନୀୟ କିରେଇ ଗ୍ରାମରେ ପହଞ୍ଚି ଚାଷ ପରେ ଚାଷୀମାନେ ଜମିରେ ଥିବା ନଡାକୁ ପୋଡି ଦେଉଛନ୍ତି। ଫଳରେ ପରିବେଶ ଉପରେ ଏହାର ଭୟଙ୍କର କୁପ୍ରଭାବ ପଡୁଛି। ସେ ସମ୍ପର୍କରେ ବୁଝାଇଥିଲେ। ଏଣୁ ଚାଷୀମାନେ ଧାନ କାଟିବା ପରେ ନଡାକୁ ନ ପୋଡି ସେଥିରେ ଛତୁ ଚାଷ କରି ଅଧିକ ଲାଭବାନ ହୋଇପାରିବେ.ବୋଲି ଚାଷୀମାନଙ୍କୁ ବୁଝାଇ ସଚେତନ କରିଥିଲେ।




ଚାଷୀଙ୍କୁ ସଚେତନ କରାଉଛନ୍ତି ଛାତ୍ରୀଛାତ୍ର।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ





ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଓ ବିଦ୍ୟାଳୟର ଛାତ୍ରୀଛାତ୍ର।

**ଲହୁଣୀପଡ଼ା,୧୦।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ପରାଗପୋଷସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନିଆ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ କଲେଇପୋଷ ସରପଞ୍ଚ ଶାନ୍ତି ଓରାମ, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଝସକେତନ ମାହାନ୍ତ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ ଗୋପାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁନିତା ପଟେଲ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ଛାତ୍ରୀ ସ୍ନିଗ୍ଧା ସ୍ୱତନ୍ତ୍ରତା ବାରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସ୍ୱାଗତ କରିଥିଲେ। ଅତିଥିମାନେ ଗଣପତି ଓ ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପଦୀପ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କ୍ରୀଡା ଉତ୍ସବରେ ଖେଳ ଶିକ୍ଷକ ଲକ୍ଷ୍ମଣ କାର୍ଜି ଖେଳ ପରିଚାଳନା କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ ବିଭାଗରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ସହିତ ପୁରସ୍କୃତ କରିଥିଲେ। ଶେଷରେ ରଞ୍ଜନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହାର ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିରେ, ଏବିଇଓ ନରହରି କିଷାନ, ଲହୁଣୀପଡ଼ା ସମିତି ସଭ୍ୟା ଲକ୍ଷ୍ମୀ କିଷାନ,ସରପଞ୍ଚ ଶାନ୍ତି ଓରାମ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ହୃଦେଶ ରକ୍ଷା, ଉର୍ମିଳା ସିଂ, ଭୀମସେନ ଶବର,ବର୍ଷାରାଣୀ ମୁଣ୍ଡା, ସୁରେନ୍ଦ୍ର ଦେହୁରୀ, ହାଫିଜ ଅହମ୍ମଦ, ଅଭୟ ନାୟକ, ଅସିତ ଏକ୍କା, ନିବେଦିତା ଦାଶ, ବିଶ୍ୱଜିତା ମହାନ୍ତି, ମାଧୁରୀ ବେକ, ସସ୍ମିତା ମାହାନ୍ତ, ଅମନ ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ୧୨ରୁ ବ୍ୟାସଦେବ, ଗଣେଶ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

**ରାଉରକେଲା ଅଫିସ,୧୦।୧୨**

ବ୍ୟାସକ୍ଷେତ୍ର ତଥା ମିନି ତ୍ରିବେଣୀ ସଙ୍ଗମ ପାଇଁ ବେଦବ୍ୟାସ କେବଳ ଇସ୍ପାତ ନଗରୀ ରାଉରକେଲା କାହିଁକି ସମଗ୍ର ରାଜ୍ୟ ତଥା ଦେଶରେ ଏକ ସୁପରିଚିତ ନାମ। ଶିବରାତ୍ରି ମେଳା ପାଇଁ ଏହି ପୀଠ ପ୍ରସିଦ୍ଧ । ଓଡିଶା ସମେତ ଛତିଶଗଡ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିହାର ରାଜ୍ୟରୁ ବ୍ୟବସାୟୀମାନେ ଆସି ଏଠାରେ ସେମାନଙ୍କ ବିପଣି ଖୋଲିଥାନ୍ତି। ଏହାସହ ସହରବାସୀ ମଧ୍ୟ ଏହି ମେଳାରୁ ନିଜର ଆବଶ୍ୟକ ଜିନିଷ କିଣିଥାନ୍ତି। ଏଠାରେ କ୍ଷେତ୍ରାଧିପତି ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ନ ଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା ଦିଲୀପ ରାୟଙ୍କ ଦୃଷ୍ଟିକୁ ଆସିବା ପରେ ବେଦବ୍ୟାସଠାରେ ସେ ବ୍ୟାସଦେବ ଓ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରିଛନ୍ତି। ଆସନ୍ତା ୧୨, ୧୩ ଓ ୧୪ ତାରିଖରେ ଏଠାରେ ଉକ୍ତ ଦୁଇ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା କରାଯିବ ବୋଲି ସଚେତନ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ପି. ପି. ରାୟ, ସଭାପତି ପୀତବାସ ମିଶ୍ର, ଜଗବନ୍ଧୁ ଜେନା, ଗୋପୀନାଥ ପଟ୍ଟନାୟକ, ୟୁ.ସି. ଜେନା, ଡାକ୍ତର ଗୋପବନ୍ଧୁ ବଳ, ଉପେନ୍ଦ୍ର ନାୟକ, ମୀନତି ଦେବତା, ଅମୂଲ୍ୟ ବରାଳ ଏବଂ ବସନ୍ତ ଦାସ ପ୍ରମୁଖ କହିଛନ୍ତି।

### ୨୭ରେ ସାଇକେଲିଂ ମାରାଥନ

**ରାଉରକେଲା ଅଫିସ,୧୦।୧୨**

ବାସନ୍ତୀ କଲୋନି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରାଉରକେଲା ସାଇକେଲିଂ ଆସୋସିଏଶନ ପକ୍ଷରୁ ସଭାପତି ଆରତୀ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଥିଲା। ରାଉରକେଲାରେ ହେବାକୁ ଥିବା ହକି ବିଶ୍ୱକପ୍‌କୁ ନେଇ ସହରବାସୀଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ସୃଷ୍ଟି କରିବା ପାଇଁ ଆସନ୍ତା ୨୭ ତାରିଖରେ ସାଇକେଲାଥନ ହେବ। ଏହି ସାଇକେଲାଥନ ରାଉରକେଲା ମହାନଗର ନିଗମ ପକ୍ଷରୁ ଆୟୋଜିତ ହେଉଥିବାବେଳେ ଏଥିରେ ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ଓ ବିଧାୟକ ସାରଦା ପ୍ରସାଦ ନାୟକ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ସମ୍ପାଦକ ପ୍ରଦୀପ କୁମାର ଦାସ, ସହ ସମ୍ପାଦକ ଗୋପୀନାଥ ପଣ୍ଡା, ପ୍ରମୋଦ ବେହେରା, ଗୋପବନ୍ଧୁ ଜେନା, ଅତ୍ୟାନନ୍ଦ ବେହେରା, ରମେଶ ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଷୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଭିଭାବକ-ଶିକ୍ଷକ ସଂଘ ବୈଠକ

**ଗୁଡ଼ଭେଲା,୧୦।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତପି କୁଅଁରଙ୍କ ଅଧ୍ୟକ୍ଷତାରେ ଅଭିଭାବକ-ଶିକ୍ଷକ ସଂଘର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକକୁ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସଞ୍ଚାଳନ କରିଥିଲେ। ଉକ୍ତ ବୈଠକରେ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମର ଅଗ୍ରଗତି ଓ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଆଲୋଚନା କରାଯାଇଥିଲା। ୩ ଅଭିଭାବକ ଓ ୫ଶିକ୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ପରେ ଉପସ୍ଥିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକ ଶପଥ ପାଠ କରିଥିଲେ।

## ସଂକ୍ଷେପରେ

### କାଠଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ ଘଟଣା, ୨ଗିରଫ



ଲୋଇସିଂହା,୧୦।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ପାଣ୍ଡରୀଡୁଙ୍ଗରୀ ସଂରକ୍ଷିତ ଜଙ୍ଗଲରୁ କାଠଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ ଘଟଣାରେ ୨ଜଣଙ୍କୁ ବନ ବିଭାଗ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଗଲପୁର ବ୍ଲକ ପଟୁଆପାଲି ଗ୍ରାମର ନେପାଳ ପଧାନ(୫୦) ଓ ଟ୍ରାକ୍ଟର ଡ୍ରାଇଭର ପଦ୍ମଲୋଚନ ବରିହା(୩୫)। ସେମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛ ବୋଲି ରେଞ୍ଜ ଅଫିସର ପାଉଲ ହରପାଲ କହିଛନ୍ତି। ଆଗଲପୁର ବ୍ଲକ ପାଣ୍ଡରୀଡୁଙ୍ଗରୀ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରୁ ବେଆଇନ କାଠ ଚାଲାଣ ନେଇ ବନ ବିଭାଗକୁ ସୂଚନା ମିଳିଥିଲା। ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ସାଲେଭଟା ଫରେଷ୍ଟ ବିଟ୍ ହାଉସରେ ଗଜ ସାଥୀ ତାଲିମ ଶିବିରରେ ଥିବା ଲୋଇସିଂହା ଓ ପାଟଣାଗଡ ରେଞ୍ଜ ଅଧିକାରୀ ଓ ଷ୍ଟାଫ ସେଠାରେ ଚଢ଼ାଉ କରି ସହାଜ ଓ ଶାଳ ଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଜବତ କାଠର ପରିମାଣ ୧୮ ସିଏଫଟି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ବୈଠକ

ସିନାପାଲି,୧୦।୧୨(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା କ୍ଲଷ୍ଟରର ସରକାରୀ ପ୍ରାଥମିକ ବିଦ୍ୟାଳୟ କେନ୍ଦୁମୁଣ୍ଡା ଆନୁକୂଲ୍ୟରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦୁମୁଣ୍ଡା କ୍ଲଷ୍ଟର ସିଆରସିସି ଦିବ୍ୟ ରଞ୍ଜନ ପାଢ଼ୀ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ବୈଠକକୁ ପ୍ରଧାନ ଶିକ୍ଷକ ପୂର୍ଣ୍ଣାନନ୍ଦ ନାଏକ ପରିଚାଳନା କରିଥିବାବେଳେ କେନ୍ଦୁମୁଣ୍ଡା ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ଗୋଲାପି ରଣା, ବିହାରୀ ଲାଲ ଜଗତ, ଶିକ୍ଷକ ରମେଶଚନ୍ଦ୍ର ଖର୍ସେଲ, ଶେଷରାମ ମାଝି, ହେମଲତା ମାଝି, ହିରାଧର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ବିଷୟ ନେଇ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ଅଭିଭାବକଙ୍କ ମଧ୍ୟରେ ଜମୁନା ଜାଲ, ରିନା ବାଗ, କୁଞ୍ଜବିହାରୀ ଲୋହାର, ପୁଷ୍ପା ସୁନାନୀ, ପ୍ରଦୀପ ମାଝି, ଡିଙ୍ଗର ଲୋହାର, କ୍ଷୀରସିନ୍ଧୁ ଖର୍ସେଲ, ପବିତ୍ର ବାଗ, ରାଜକିଶୋର ବାଗ ସମେତ ଅନେକ ଅଭିଭାବକ ଉପସ୍ଥିତ ଥିଲେ।

# ସବୁ କଳାକାରଙ୍କୁ ମିଳୁ ସହାୟତା

**ଜିଲା କଳାକାର ସମନ୍ୱୟ ସମିତି ବୈଠକ**

ବଲାଙ୍ଗୀର ଅଫିସ, ୧୦।୧୨

ବଲାଙ୍ଗୀର ଅମଲା ଭବନଠାରେ ଶନିବାର ଜିଲା କଳାକାର ସମନ୍ୱୟ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଗୁରୁଶ୍ରୀ ପରମାନନ୍ଦ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ସମ୍ପାଦକ ସତ୍ୟ ବନଛୋର ପରିଚାଳନା କରିଥିଲେ। ଗ୍ରାମ ପଞ୍ଚାୟତ ସ୍ତରରେ ଏହି ଅନୁଷ୍ଠାନକୁ ସାଙ୍ଗଠନିକ ରୂପ ଦେବା ନେଇ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାକୁ ନେଇ ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକରେ କଳାକାରମାନଙ୍କୁ ସାମିଲ କରିବା ପାଇଁ ଯେଉଁ ଚୟନ ପ୍ରକ୍ରିୟା ହୋଇଛି ତାକୁ ବୈଠକରେ ସ୍ୱାଗତ କରାଯାଇଥିଲା। ଆଗାମୀ ଦିନରେ ବଲାଙ୍ଗୀର ଜିଲାର ସମସ୍ତ ହିତାଧିକାରୀ କଳାକାର କେମିତି ଏହି ଯୋଜନାରେ ଅଂଶୀଦାର ହୋଇ ଲାଭ ଉଠାଇ ପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ସୁଚିନ୍ତିତ ମତ ରଖାଯାଇଥିଲା। ସର୍ବସମ୍ମତିକ୍ରମେ ଏହାକୁ ସଭାରେ ଗୃହୀତ କରାଯାଇଛି। ଗତ ଚୟନ ପ୍ରକ୍ରିୟାରେ କେବଳ ୧୧୦୦ ଜଣ କଳାକାରଙ୍କୁ ବ୍ଲକ, ଏନ୍ଏସି ଓ ମ୍ୟୁନିସିପାଲିଟି ସ୍ତରରେ ଚୟନ କରିବାର ବ୍ୟବସ୍ଥା ରହିଥିଲା ଯାହାକି ଶେଷ ହୋଇଯାଇଛି। କିନ୍ତୁ ଜିଲାର ସହସ୍ର କଳାକାର ଏଥିରୁ ବିଭିନ୍ନ କାରଣରୁ ବାଦ୍ ପଡିଯାଇଛନ୍ତି। ସମସ୍ତ କଳାକାର ଯେପରି ଏହି ଯୋଜନାରେ ସାମିଲ ହୋଇପାରିବେ ସେଥିପାଇଁ ସମନ୍ୱୟ ସମିତି ଚେଷ୍ଟା କରିବ ବୋଲି ଆଲୋଚନା ହୋଇଥିଲା। କେତେକ କଳାକାରଙ୍କ ଅଭିଯୋଗ କ୍ରମେ ଜିଲାର କେତୋଟି ବ୍ଲକରେ ଏଥିରେ ଅନିୟମିତତା ହେଉଥିବା ସୂଚନା ଦେଇଥିବାରୁ ଆଗାମୀ ଦିନରେ ଏହାର ପର୍ଦ୍ଦାଫାଶ କରିବା ପାଇଁ ଜିଲା କଳାକାର ସମନ୍ୱୟ ସମିତି ପଦକ୍ଷେପ ନେବ ବୋଲି ମତପ୍ରକାଶ ପାଇଥିଲା। ୨୦୧୭ ମସିହାରେ ଅନେକ ନକଲି କଳାକାର ଏହି ଯୋଜନାକୁ ହାତେଇ ନେଇଥିବା ମଧ୍ୟ ଅଭିଯୋଗ ଆସିଥିଲା। ତେଣୁ ଏହି ସବୁ ନକଲି କଳାକାରମାନଙ୍କୁ କିପରି ହଟାଯାଇ ପାରିବ ସେ ଉପରେ ଦୃଷ୍ଟି ଆକର୍ଷଣ ହୋଇଥିଲା। କରୋନା ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ କଳାକାରମାନଙ୍କ ଠିକ ଭାବରେ ବୈଠକ ହୋଇ ପାରୁ ନ ଥିଲା ଯାହା ବର୍ତ୍ତମାନଠାରୁ ବିଧିବଦ୍ଧ ଭାବରେ କରିବା ପାଇଁ ସମ୍ମତି ପ୍ରକାଶ ପାଇଥିଲା। ପଞ୍ଚାୟତ ତଥା ବ୍ଲକ ସ୍ତରରେ ଆଞ୍ଚଳିକ ସମନ୍ୱୟ ସମିତି ପକ୍ଷରୁ କଳାକାର ମହୋତ୍ସବ ମାନ ଆୟୋଜନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏହି ସଭାରେ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ସଂଯୋଜକ, କାଳିନ୍ଦ୍ରୀ ମାଝି, ଡମ୍ବରୁଧର ସା, ବିକ୍ରମ ସାମଲ, ବାନ୍ଧବ ବଢେଇ, ମନସୀ କୁମୁରା, ପଞ୍ଚାନନ ଦାଶ, ହେମନ୍ତ ସାହୁ, ନୀଳମଣି ଯୋଶୀ, ଘମଣ୍ଡୁ ବାଗ, କ୍ଷମାନିଧି ବନଛୋର, ସୁରେନ୍ଦ୍ର ବେହେରା, ଜମିଦାର ମେହେର, ସୁଦାମ ଚରଣ ବିଶି, କିଶୋର କୁମାର ମିଶ୍ର, ମଧୁ ମାଝି, ଅଖିଳ ପଧାନ, ରାଇବାରି ସାହୁ, ଉତ୍ତରା ଗଡତ୍ୟା, ବାଲମତି ବଢିଆ, ଶଶି ବିଶ୍ୱାଳ ପ୍ରମୁଖ କଳାକାର ଉପସ୍ଥିତ ଥିଲେ।

## କ୍ଷତଗ୍ରସ୍ତ ଚାଷୀଙ୍କୁ ଭେଟିଲେ ବିଧାୟକ



ହାତୀ ଆକ୍ରମଣରେ ମୃତକଙ୍କ ପରିବାରଙ୍କୁ ବିଧାୟକ ନରସିଂହ ମିଶ୍ର ଭେଟୁଛନ୍ତି।

ଦେଓଗାଁ,୧୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ପଞ୍ଚାୟତ ଖଇରଗୁରା ଗସ୍ତରେ ଆସିଥିଲେ ବିଧାୟକ ନରସିଂହ ମିଶ୍ର। ଏହି ଅବସରରେ ସେ ହାତୀ ଉପଦ୍ରବରେ କ୍ଷତଗ୍ରସ୍ତ ଚାଷୀ ଓ ହାତୀପଲ ଆକ୍ରମଣରେ ମୃତ ଚାଷୀ ମାଛୁ ମହାନନ୍ଦଙ୍କ ପରିବାରକୁ ଭେଟିଥିଲେ। ମୃତ ଚାଷୀଙ୍କ ପରିବାରକୁ ବିଧାୟକ ମିଶ୍ର ଭେଟି ସମବେଦନ ଜଣାଇଥିଲେ। ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଗାଁରେ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏ ଅବସରରେ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବ୍ଲକ ସଭାପତି ରାମଜୀ ଚୌଧୁରୀ, ବିଧାୟକ ପ୍ରତିନିଧି କାନ୍ତେଶ୍ୱର ପଧାନ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜିଲା କଂଗ୍ରେସ ସମିତି ସମ୍ପାଦକ ବିଶ୍ୱଜିତ ପାତ୍ର, କୁନା ସାହୁ, ପ୍ରଫୁଲ୍ଲ ଦାସ, ମନବୋଧ ହରପାଲ, ବିକାଶ ସାହୁ, ଅନନ୍ତ ଚୌହାନ, ମୟ ପ୍ରଧାନୀ, ହିଂମାଶୁ ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ। କିଛିଦିନ ତଳେ ସ୍ଥାନୀୟ ଲକ୍ଷ୍ମୀନାରାୟଣ ପଡାର ଚାଷୀ ମାଛୁ ମହାନନ୍ଦ କ୍ଷେତକୁ ଧାନ ପେଟା ଜଗିବା ପାଇଁ ଯିବା ସମୟରେ ହାତୀପଲ ଆକ୍ରମଣରେ ମୃତ୍ୟୁ ଘଟିଥିଲା।

## ମହାଲକ୍ଷ୍ମୀ ପୂଜା ଅବସରରେ ରାବଣ ଦରବାର



ୟୁଥ୍ ବ୍ଲଡଗ୍ରୁପ ମୁଖ୍ୟ ଅକ୍ଷୟ ପଧାନଙ୍କୁ ମହାରାଜା ରାବଣ ସମ୍ବର୍ଦ୍ଧିତ କରୁଛନ୍ତି।

ଖପ୍ରାଖୋଲ, ୧୦।୧୨(ଡି.ଏନ.ଏ.)

ବଲାଙ୍ଗର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ଗାଁରେ ୩୪ତମ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଅବସରରେ ଗାଁ ଉତ୍ସବ ମୁଖର ହୋଇ ଉଠିଛି। ଏହି ଅବସରରେ ରାବଣ ଦରବାର ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଛି। ମହୋତ୍ସବର ଚତୁର୍ଥ ରଜନୀରେ ରାମାୟଣର କଥା ବସ୍ତୁକୁ ନେଇ ଶବରୀ ଉଦ୍ଧାର, ବାଳିବଧ, ସୀତା ଠାବ ଆଦି ନାଟକ ମଞ୍ଚସ୍ଥ ହୋଇଥିଲା। ମହାରାଜା ରାବଣ ଗାଁ ପରିକ୍ରମା କଲା ପରେ ଦରବାରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ନିମନ୍ତ୍ରଣ କରିଥିଲେ। ଚତୁର୍ଥ ରଜନୀରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ସମ୍ମାନିତ ଅତିଥି ତାପସ ରଞ୍ଜନ ବେହେରା ଯୋଗଦେଇଥିଲେ। କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଲୋକନୃତ୍ୟ, ନାଟକର ବେଶ୍ ଭୂମିକା ଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୟୁଥ୍ ବ୍ଲଡଗ୍ରୁପ ମୁଖ୍ୟ ଅକ୍ଷୟ ପଧାନଙ୍କୁ ମହାରାଜା ରାବଣ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମହାରାଜା ରାବଣ ଭୂମିକାରେ ବରଗଡ ଜିଲା ଯାମୁଡାର ବୃନ୍ଦାବନ ପଧାନ, ମହାମନ୍ତ୍ରୀ ଶୁକ ଭୂମିକାରେ ଗୋଲପ ବିଶିଙ୍କ ଅଭିନୟ ବେଶ୍ ଆକର୍ଷଣୀୟ ଥିଲା। ଏହି ଅବସରରେ ମହାରାଜା ରାବଣ ରକ୍ତଦାତାଙ୍କୁ ପ୍ରଶଂସା କରିବା ସହ ମୃତ୍ୟୁ ପରେ ଅଙ୍ଗଦାନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏପରିକି ନିଜର ମୃତ୍ୟୁ ପରେ ମଧ୍ୟ ଅଙ୍ଗ ଦାନ କରିବାକୁ ଘୋଷଣା କରିଥିଲେ। ଏହି ଅବସରରେ ଆୟୋଜକ କମିଟି ସଭାପତି ସୁବନାଥ ଛତ୍ରିଆ, ସମ୍ପାଦକ ପାରେଶ୍ୱର ମାଝି, ମନ ଭୋଇ, ସୁଧିରାମ ଷାଣ୍ଢ, ନକୁଳ ବେହେରା, ବିପ୍ର ବିଶି, ଶଶି ଷାଣ୍ଢ, ଗୋଲାପ ପୋଢ, ବଂଶୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୨୫ଦିନ ବିତିଲା, କାର୍ଯ୍ୟାନୁଷ୍ଠାନ ନାହିଁ

**ମାଲପଡ଼ା ପଞ୍ଚାୟତରେ ଏମ୍ଜିଏନ୍ଆର୍ଇଜିଏସ୍ କାମ**

■ଅନିୟମିତତା ନେଇ ବିଡିଓଙ୍କୁ ଭେଟିଥିଲେ ଜନ ପ୍ରତିନିଧି

ଲାଠୋର, ୧୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତରେ ୨୦୧୯-୨୦ରୁ ୨୦୨୨-୨୩ ମଧ୍ୟରେ ଏମ୍ଜିଏନଆରଇଜିଏସ୍ କାମରେ ଅନିୟମିତତା ହୋଇଛି। ମଷ୍ଟରରୋଲରେ କାମ କରି ନ ଥିବା ଏପରିକି ଧନାଢ୍ୟ ଶ୍ରେଣୀର ଲୋକଙ୍କୁ ଶ୍ରମିକ ଦର୍ଶାଇ ବିଲ୍ ଉଠା ଯାଇଥିବା ନେଇ ନାଏବ ସରପଞ୍ଚ ସୁଶିଲାବାଇ ଦାସ, ସମିତି ସଭ୍ୟା ବେଲମତି ଧରୁଆ ଏବଂ ୫ ଜଣ ୱାର୍ଡ଼ସଭ୍ୟ ସୁମିତ୍ରା ମାଝି, ଗୁରବାରି ବାଗ, ମୋହନ ନାଏକ, ବିଷ୍ଣୁ ବାଗ ଓ ବୃଷବ ମାଝି ଗତ ନଭେମ୍ବର ୧୪ତାରିଖରେ ବିଡିଓଙ୍କୁ ଅଭିଯୋଗ କରିଥିଲେ। କ୍ଷେତ୍ରଗର ଟ୍ରେଞ୍ଚ କାମରେ ମଧ ଦୁର୍ନୀତି ହୋଇଛି। ଏପରିକି ୨୦୧୩ ଜୁନ ୨୯ତାରିଖରେ ମୃତ୍ୟୁବରଣ କରିଥିବା ପ୍ରେମଶିଳା ମେହେରଙ୍କ ନାମରେ ମଧ ଟଙ୍କା ଜମା ହୋଇଛି। ଏହିପରି ଭାବେ ପ୍ରାୟ ୧୬ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଇତିମଧ୍ୟରେ ୨୫ଦିନ ବିତିଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଫଳରେ ଅଭିଯୋଗକାରୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଡିସେମ୍ବର ୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଡ଼ାକ ଯୋଗେ ପଠାଇଛନ୍ତି। ଏନେଇ ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରେ ଯେଉଁ ଶ୍ରମିକମାନେ କାର୍ଯ୍ୟ କରିଛନ୍ତି ମାପ ଅନୁସାରେ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇଛି ବୋଲି କହିଛନ୍ତି।

## ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା

ଲୋଇସିଂହା,୧୦।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ କ୍ରୀଡା ସ୍ଥାନୀୟ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ଶିଶୁ ବଟିକା ବିଭାଗର ୯୪ ଜଣ, ପ୍ରାକ ଶିଶୁ ବର୍ଗର ୧୪୭, ଶିଶୁ ବର୍ଗର ୧୭୮, ବାଳବର୍ଗର ୧୨୭ ଏବଂ କିଶୋର ବର୍ଗର ୭୬ଜଣ ଏପରି ମୋଟ ୫୪୬ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଇଥିଲେ। କିଶୋର ବର୍ଗରେ ଶିବାନନ୍ଦ ବିଶ୍ୱାଳ ଓ ବାଲ ବର୍ଗରେ ଶୁଭଶ୍ରୀ ରଣା ଚାମ୍ପିୟନ ହୋଇଥିଲେ। ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ବେହେରା ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଜୈବିକ ପ୍ରଣାଳୀ ଚାଷକୁ ଆପଣାଉ ଚାଷୀ



ଉଦ୍ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଜୈବିକ କୃଷି କର୍ମଶାଳା ଉଦ୍ଯାପିତ**

ଲୋଇସିଂହା,୧୦।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରେସନ ଭବନରେ ଚାଲିଥିବା ଜୈବିକ କୃଷି କର୍ମଶାଳା ଶନିବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ସଭାପତି ଅରକ୍ଷିତ ରାଉତ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ତାଲିମଦାତା ଅଶୋକ ଚୌରାସିଆ, ମାରୱାଡି ଯୁବାମଞ୍ଚ ଜିଲା ସଭାପତି ବୀରେନ୍ଦ୍ର ଅଗ୍ରୱାଲ, ରାମଚନ୍ଦ୍ର ସାହୁ, ଯୋଗେଶ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ମହାଲିଙ୍ଗ କହିଥିଲେ, ଦେଶରେ ବୈପ୍ଳବିକ ଯୁଗ ଆରମ୍ଭ ହୋଇଛି। ଖାଦ୍ୟ ଶସ୍ୟ ଉତ୍ପାଦନରେ ଭାରତ ଆଗୁଆ ରହିଛି। ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ ପରେ ଆଉ ଅନାହାର ମୃତ୍ୟୁ ନାହିଁ। କିନ୍ତୁ ଚାଷରେ ରାସାୟନିକ ସାର ଓ କୀଟନାଶ ପ୍ରୟୋଗ ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ଧନ ଓ ଜୀବନହାନୀ ହେଉଛି। ତେଣୁ ଏଥିରୁ ବାହାରି ଜୈବିକ ପ୍ରଣାଳୀରେ ଚାଷ ଅପଣାଇ ବିଷମୁକ୍ତ ରହିବାକୁ ଆହ୍ୱାନ ଦେଇଥିଲେ। ସୁସ୍ଥ ଓ ଦୀର୍ଘାୟୁ ପାଇଁ ଜୈବିକ ଚାଷକୁ ଅପଣାଇବାକୁ ପରାମର୍ଶ ଦେଇଥିଲେ। ତାଲିମଦାତା ଚୌରାସିଆ ୫ଦିନର ତାଲିମକୁ ଉପଯୋଗ କରି ସଫଳତା ହାସଲ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଶୋକ କୁମାର ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୪୮ ଘଣ୍ଟା ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ବେଆଇନ ଗଛକଟା ଅଭିଯୋଗ**

ଦେଓଗାଁ,୧୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ରେଞ୍ଜ ଅନ୍ତର୍ଗତ ଉଡାର ଗ୍ରାମ ନିକଟରେ ସରକାରୀ ଓ ବେସରକାରୀ ଜମିରୁ ମୂଲ୍ୟବାନ ଗଛ କଟାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗର ୪୮ ଘଣ୍ଟା ପରେ ମଧ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର କେତେକ ବ୍ୟକ୍ତି ଉଡାର ନିକଟସ୍ଥ ଏକ ଜମିକୁ ଜେସିବିରେ ଉନ୍ନତିକରଣ ନାଁରେ ବହୁ ଗଛ ଉପାଡି ପକାଇଥିଲେ। ଉଡାରର ବିରଞ୍ଚି ନାଏକ ଏପରି ନ କରିବା ପାଇଁ ଗଛ କାଟୁଥିବା ଲୋକଙ୍କୁ କହିଥିଲେ। ହେଲେ ସେମନେ ଓଲଟି ତାଙ୍କୁ ଗାଳିଗୁଲଜ କରିବା ସହ ମାରିବା ପାଇଁ ଗୋଡାଇ ଥିବା ବିରଞ୍ଚି ଦେଓଗାଁ ରେଞ୍ଜର ଆଲୋକ ମାଝି ଓ ଥାନାରେ ଜଣାଇ ଥିବା ସୂଚନା ଦେଇଛନ୍ତି। ରୟତି ଜମିରେ ଥିବା ୨୫ରୁ ୩୦ଟି ଗଛକୁ ସମ୍ପୃକ୍ତ ବ୍ୟକ୍ତିମାନେ କାଟି ଚାଲାଣ କରିବା ଉଦ୍ୟମ କରୁଥିଲେ। ଖବର ପାଇ ଦେଓଗାଁ ଫରେଷ୍ଟର ପିଙ୍କୁ ଭୋଇ ଘଟଣାସ୍ଥଳରେ ପହଞ୍ଚିଲା ବେଳେକୁ ସମ୍ପୃକ୍ତ ବ୍ୟକ୍ତିମାନେ ଜେସିବି ଧରି ଫେରାର ହୋଇ ଯାଇଥିଲେ। ଘଟଣାକୁ ୪୮ ଘଣ୍ଟା ବିତିଯାଇଥିଲେ ମଧ ବିଭାଗ ଏ ନେଇ କୌଣସି ମାମଲା ରୁଜୁ ନ କରି ହାତ ବାନ୍ଧି ବସିଛି। ଘଟଣାକୁ ନେଇ ଦେଓଗାଁ ରେଞ୍ଜ ଫରେଷ୍ଟର ପିଙ୍କୁ ଭୋଇଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଯାଇଥିଲୁ। ଆନୁସାଙ୍ଗିକ ବ୍ୟବସ୍ଥା ନ ଥିବାରୁ କଟା ଯାଇଥିବା ଗଛକୁ ଜବତ କରିପାରିଲୁ ନାହିଁ ବୋଲି କହିଥିଲେ। ରେଞ୍ଜର ଆଲୋକ କୁମାର ମାଝିଙ୍କୁ ପଚାରିବାରୁ ନିୟମ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ତ୍ରୁଟିଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଡିଏଫଓ ନୀତିଶ କୁମାରଙ୍କୁ ପଚାରିବାରୁ ଏ ବିଷୟରେ ମତେ କେହି ଜଣାଇନାହାନ୍ତି। ବିଭାଗୀୟ କର୍ମଚାରୀଙ୍କଠାରୁ ଖବର ସଂଗ୍ରହ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଥିଲେ।

## କରମସାନୀ କଳାକାର ସଂଘର ବାର୍ଷିକୋତ୍ସବ

ଖପ୍ରାଖୋଲ, ୧୦।୧୨(ଡି.ଏନ.ଏ.)

ବଲାଙ୍ଗର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ଗାଁରେ କରମସାନୀ କଳାକାର ସଂଘର ବାର୍ଷିକ ଉତ୍ସବ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ପଦ୍ମଶ୍ରୀ ହଲଧର ନାଗ ଯୋଗଦେଇଥିଲେ। ମୁଖ୍ୟବକ୍ତା ପଶ୍ଚିମ ଓଡିଶା କଳାକାର ସଂଘ ସଭାପତି ଅମିଳ ପୁଟେଲ, ସମ୍ମାନିତ ଅତିଥି ଜିଲା ସଭାପତି ସୁନାରାମ ପୁଟେଲ, ରସରାଜ ବୁଢେକ, ଥବିର ଚରଣ ସାହୁ, ଜିଲା ସମ୍ପାଦକ ମୀନିକେତନ ପଧାନ, ସଂଗୀତ ଗୁରୁ, ଅଶ୍ୱିନି କୁମାର ବାରିକ, ବରିଷ୍ଠ କଳାକାର ହରିବୋଲ ପୋଢ, ଭାନପୁର ସରପଞ୍ଚ ରୀନା ଜାଲ, ସମିତି ସଭ୍ୟା ଯଶୋବନ୍ତି ତାଣ୍ଡି ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବ୍ଲକର ୫୩୬ଜଣ କଳାକାର ଯୋଗଦେଇଥିଲେ। କରମା ନୃତ୍ୟ, ଦଣ୍ଡ ନତ୍ୟ, ସଂକୀର୍ତ୍ତନ୍ୟ, ଲୋକଗୀତ, ପଞ୍ଚବାଦ୍ୟ ଆଦି ପରିବେଶିତ ହୋଇଥିଲା। କଳାକାରଙ୍କ ନାଚଗୀତରେ ଦର୍ଶକ ଝୁମି ଉଠିଥିଲେ। ଏହି ଅବସରରେ କଳାକାରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କରମସାନୀ କଳାକାର ସଂଘ ସଭାପତି ଭଗବାନ ବେହେରା ଅଧ୍ୟକ୍ଷତା କରିଥିଲେ।



କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଲଧର ନାଗ ବକ୍ତବ୍ୟ ରଖୁଛନ୍ତି।

# ଜାତି ବ୍ୟବସ୍ଥା ମାନବିକ ଅଧିକାର କ୍ଷୁଣ୍ଣ କରେ

**ମାନବିକ ଅଧିକାର ଦିବସ ଉପଲକ୍ଷେ ଆଲୋଚନାଚକ୍ର**

ବଲାଙ୍ଗୀର ଅଫିସ, ୧୦।୧୨




ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଓ ବକ୍ତା।

ସମଗ୍ର ପୃଥିବୀରେ ମାନବ ଅଧିକାର ଉଲ୍ଲଂଘନ ଏକ ସ୍ପର୍ଶକାରତ ବିଷୟ। ତେବେ ଭାରତରେ ଜାତି ବ୍ୟବସ୍ଥା ଜରିଆରେ ମାନବିକ ଅଧିକାର କ୍ଷୁଣ୍ଣ କରାଯିବା ହଜାର ବର୍ଷରୁ ଚାଲିଆସିଛି। ଜାତି ନାଁରେ ମଣିଷ ଭିତରେ ବିଭେଦ ସୃଷ୍ଟି କରାଯାଇଛି। ପୀଡିତ ମଣିଷକୁ ଏଭଳି ନିର୍ଯାତନାରୁ ମୁକୁଳାଇବା ଏବଂ ସେମାନଙ୍କ ଅଧିକାର ସୁରକ୍ଷା କରିବା ପାଇଁ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି। ଏଣୁ ସମ୍ବିଧାନର ସୁରକ୍ଷା ହିଁ ମାନବିକ ଅଧିକାର ସୁରକ୍ଷା ବୋଲି ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ମାନବ ଅଧିକାର ଦିବସ ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ଅତିଥି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଗଣ୍ଡାବଜାର ସମ୍ପାଦକ ତ୍ରିଲୋଚନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭାରତର ଜାତି, ସମ୍ବିଧାନ, ମାନବିକ ଅଧିକାର ଏବଂ ନ୍ୟାୟିକ ବ୍ୟବସ୍ଥା: ଏକ ଅନୁଶୀଳନ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ଶିବ ଶଙ୍କର ନନ୍ଦ, ସମ୍ମାନିତ ଅତିଥିଭାବେ ଅଜିତ ଭୋଇ, ଦିନେଶ ନାଗ ଓ ଶଙ୍କର ନନ୍ଦ ଯୋଗଦାନ କରିଥିଲେ। କୁନା ବାଗ ଆଲୋଚନାଚକ୍ର ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ନନ୍ଦ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଭାରତରେ ଜାତିବାଦକୁ ଆନୁଷ୍ଠାନିକ କରିଦିଆଯାଇ ମାନବିକ ଅଧିକାର ଉଲ୍ଲଂଘନ କରାଯାଇ ଆସୁଛି। ଜାତି ବ୍ୟବସ୍ଥା ହିଁ ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ବହୁ ତ୍ୟାଗ ସ୍ୱୀକାର କରି ସ୍ୱାଧୀନତା ସଂଗ୍ରାମୀମାନେ ଦେଶକୁ ସ୍ୱାଧୀନ କରିଥିଲେ। ଅନେକ ଶ୍ରମ ସ୍ୱୀକାର କରି ପୃଥିବୀର ସର୍ବଶ୍ରେଷ୍ଠ ସମ୍ବିଧାନ ତିଆରି କରିଥିଲେ। ମାତ୍ର ମହାପୁରୁଷଙ୍କ ଭିତରର ମତପାର୍ଥକ୍ୟକୁ ଅସ୍ତ୍ରକରି କେତେକ ବିଭିନ୍ନ ଜାତି, ସମ୍ପ୍ରଦାୟ ଏବଂ ଗୋଷ୍ଠୀ ଭିତରେ ବିଭେଦ ସୃଷ୍ଟି କରୁଛନ୍ତି। ସେମାନଙ୍କ ଅସଲ ଉଦ୍ଦେଶ୍ୟ ହେଉଛି ଏ ଦେଶର ସମ୍ବିଧାନକୁ କାର୍ଯ୍ୟକାରୀ କରାଇ ନ ଦେବା। ଏଦିଗରେ ସମସ୍ତ ନାଗରିକ ସଚେତନ ହେବା ଉଚିତ୍ ବୋଲି ସେ କହିଥିଲେ। ମୁଖ୍ୟଅତିଥି ମିଶ୍ର ତାଙ୍କ ବକ୍ତବ୍ୟରେ ଜାତି, ଧର୍ମ ନାଁରେ ଲୋକଙ୍କୁ ବିଭାଜିତ କରି କିଭଳି ମାନବ ଅଧିକାର ଉଲ୍ଲଂଘନ କରାଯାଉଛି କହିଥିଲେ। ସଭା ପ୍ରାରମ୍ଭରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀ ବର୍ଷାରାଣୀ ସୁନା ମାନବିକ ଅଧିକାର ଦିବସ ଉପରେ କହିଥିଲେ। ସ୍ଥାନୀୟ ଅମଲା ଭବନଠାରେ ମାନବ ଅଧିକାର ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାମ୍ପ୍ରତିକ ସ୍ଥିତିରେ ମାନବ ଅଧିକାର ଓ ସୂଚନା ଅଧିକାର ଆଇନ ବିଷୟରେ ଓଡିଶା ସୂଚନା ଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ କହିଥିଲେ। ପାଉଟିଷ୍ଟ ବ୍ଲକ ଇଣ୍ଡିଆ ରାଜ୍ୟ ଆବାହକ କେଦାର ସାହୁ ସୂଚନା ଅଧିକାର ଆଇନ ଏବଂ ମାନବାଧିକାର ଉପରେ ବର୍ଣ୍ଣନା କରିଥିଲେ। ନବସେତୁ ପତ୍ରିକା ସମ୍ପାଦକ ପରଦେଶୀ ବିଶ୍ୱାଳ ମାନବାଧିକାର ଏବଂ ଗଣତନ୍ତ୍ର ପ୍ରକ୍ରିୟା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଫ୍ଏସ୍ଡିର ସଂଯୋଜକ ବିଲହେନ ସାଗର ବକ୍ତବ୍ୟ ରଖିଥିଲେ। ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀ ସୂଚନା ଅଧିକାର ଆଇନ-୦୫ ସମ୍ପର୍କରେମତ ରଖିଥିଲେ। ସତ୍ୟ ବନଛୋରଙ୍କ ସଭାପତିତ୍ୱ ଏବଂ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ପରିଚାଳନାକ୍ରମେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନେକ କଳାକାର, ଚାଷୀ, ନାରୀ ସମାଜ, ବିଭିନ୍ନ ସଙ୍ଗଠନ ସଦସ୍ୟ ଯୋଗଦେଇଥିଲେ। ଅନଙ୍ଗ କୁମାର ଠାକୁର, କେଦାର ନନ୍ଦ, ଗୋପବନ୍ଧୁ ଛତ୍ରିଆ, ଶୁକ୍ରୁ ବିଶ୍ୱାଳ, ସୁମନ୍ତ ମେହେର, ସଦାନନ୍ଦ ଦେବତା, ମଧୁ କ୍ଷେତୀ, ଡୋଳାମଣି ପଧାନ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଅଧିକାର କର୍ମୀ ଶଙ୍କର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କାଠଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ ଘଟଣା, ୨ଗିରଫ



**ଲୋଇସିଂହା,୧୦।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ପାଣ୍ଡରୀଡୁଙ୍ଗରୀ ସଂରକ୍ଷିତ ଜଙ୍ଗଲରୁ କାଠଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ ଘଟଣାରେ ୨ଜଣଙ୍କୁ ବନ ବିଭାଗ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଗଲପୁର ବ୍ଲକ ପଟୁଆପାଲି ଗ୍ରାମର ନେପାଳ ପଧାନ(୫୦) ଓ ଟ୍ରାକ୍ଟର ଡ୍ରାଇଭର ପଦ୍ମଲୋଚନ ବରିହା(୩୫)। ସେମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛ ବୋଲି ରେଞ୍ଜ ଅଫିସର ପାଉଲ ହରପାଲ କହିଛନ୍ତି। ଆଗଲପୁର ବ୍ଲକ ପାଣ୍ଡରୀଡୁଙ୍ଗରୀ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରୁ ବେଆଇନ କାଠ ଚାଲାଣ ନେଇ ବନ ବିଭାଗକୁ ସୂଚନା ମିଳିଥିଲା। ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ସାଲେଭଟା ଫରେଷ୍ଟ ବିଟ୍ ହାଉସରେ ଗଜ ସାଥୀ ତାଲିମ ଶିବିରରେ ଥିବା ଲୋଇସିଂହା ଓ ପାଟଣଗଡ ରେଞ୍ଜ ଅଧିକାରୀ ଓ ଷ୍ଟାଫ ସେଠାରେ ଚଢ଼ାଉ କରି ସହାଜ ଓ ଶାଳ ଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଜବତ କାଠର ପରିମାଣ ୧୮ ସିଏଫଟି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ୨୫ଦିନ ବିତିଲା, କାର୍ଯ୍ୟାନୁଷ୍ଠାନ ନାହିଁ

**ମାଲପଡ଼ା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ**

**ଲାଠୋର, ୧୦।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତରେ ୨୦୧୯-୨୦ରୁ ୨୦୨୨-୨୩ ମଧ୍ୟରେ ଏମ୍‌ଜିଏନଆର୍‌ଇଜିଏସ୍ କାମରେ ଅନିୟମିତତା ହୋଇଛି। ମଷ୍ଟରରୋଲରେ କାମ କରି ନ ଥିବା ଏପରିକି ଧନାଢ୍ୟ ଶ୍ରେଣୀର ଲୋକଙ୍କୁ ଶ୍ରମିକ ଦର୍ଶାଇ ବିଲ୍ ଉଠା ଯାଇଥିବା ନେଇ ନାଏବ ସରପଞ୍ଚ ସୁଶିଲାବାଇ ଦାସ, ସମିତି ସଭ୍ୟା ବେଲମତି ଧରୁଆ ଏବଂ ୫ ଜଣ ୱାର୍ଡ଼ସଭ୍ୟ ସୁମିତ୍ରା ମାଝି, ଗୁରବାରି ବାଗ, ମୋହନ ନାଏକ, ବିଷ୍ଣୁ ବାଗ ଓ ବୃଷବ ମାଝି ଗତ ନଭେମ୍ବର ୧୪ତାରିଖରେ ବିଡିଓଙ୍କୁ ଅଭିଯୋଗ କରିଥିଲେ। ଷ୍ଟ୍ରେଗର ଟ୍ରେଞ୍ଚ କାମରେ ମଧ ଦୁର୍ନୀତି ହୋଇଛି। ଏପରିକି ୨୦୧୩ ଜୁନ ୨୯ତାରିଖରେ ମୃତ୍ୟୁବରଣ କରିଥିବା ପ୍ରେମଶିଳା ମେହେରଙ୍କ ନାମରେ ମଧ ଟଙ୍କା ଜମା ହୋଇଛି। ଏହିପରି ଭାବେ ପ୍ରାୟ ୧୬ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଇତିମଧ୍ୟରେ ୨୫ଦିନ ବିତିଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଫଳରେ ଅଭିଯୋଗକାରୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଡିସେମ୍ବର ୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଡ଼ାକ ଯୋଗେ ପଠାଇଛନ୍ତି। ଏନେଇ ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରେ ଯେଉଁ ଶ୍ରମିକମାନେ କାର୍ଯ୍ୟ କରିଛନ୍ତି ମାପ ଅନୁସାରେ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇଛି ବୋଲି କହିଛନ୍ତି।

# ସମ୍ମାନର ସହିତ ବଞ୍ଚିବା ମାନବ ଅଧିକାର

**ସୋନପୁର,୧୦।୧୨(ନି.ପ୍ର.)**


ବିଶ୍ୱ ମାନବ ଅଧିକାର ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ମାନବ ଅଧିକାର ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସୁଶ୍ରୀ ମୁଦୁଲି ତାଙ୍କ ବକ୍ତବ୍ୟରେ ସମ୍ମାନର ସହ ବଞ୍ଚିବା ହିଁ ମାନବ ଅଧିକାର ବୋଲି କହିଥିଲେ। ଜାତୀୟ ମାନବ ଅଧିକାର ଆଇନ ଅନୁଯାୟୀ ସମ୍ବିଧାନ ଦ୍ୱାରା ଏବଂ ଆନ୍ତର୍ଜାତିକ ଚୁକ୍ତିରେ ସନ୍ନିବିଷ୍ଟ ଭାରତ ବର୍ଷର ଅଦାଲତରେ ପ୍ରବର୍ତ୍ତନୀୟ ବ୍ୟକ୍ତିବିଶେଷଙ୍କ ଜୀବନ, ସ୍ୱାତନ୍ତ୍ର୍ୟ, ସମାନତା ଏବଂ ସମ୍ମାନ ବା ମର୍ଯ୍ୟାଦା ସମ୍ପର୍କୀୟ ଅଧିକାରକୁ ହିଁ ବୁଝାଇଥାଏ। ଜେଏମ୍ଏଫସି ମନସ୍ୱିନୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଜାତୀୟ ମାନବ ଅଧିକାର ଆଇନ ପ୍ରଣୟନ ହେବାଠାରୁ ମାନବ ଅଧିକାର ସଂକ୍ରାନ୍ତରେ ଜନସାଧାରଣ ତ୍ୱରିତ ନ୍ୟାୟ ପାଇବାରେ ସକ୍ଷମ ହେଉଛନ୍ତି ବୋଲି କହିଥିଲେ। ସରକାରୀ ଓକିଲ ବ୍ୟୋମକେଶ ଦାଶ, ଅଦ୍ୱୈତ କୁମାର ପଣ୍ଡା, ଡିଏସପି ଚନ୍ଦ୍ରଶେଖର ଶବର, ସୋନପୁର କଲେଜର ପଯୁକ୍ତି ବିଦ୍ୟା ବିଭାଗର ପ୍ରାଧ୍ୟାପକ ଅମିତ କୁମାର ଅଗ୍ରୱାଲ ଓ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶ୍ୱ ମାନବ ଅଧିକାର ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ସମସ୍ତ ମାନବ ନିଜ କର୍ତ୍ତବ୍ୟ ଓ ଅଧିକାର ବିଷୟରେ ସଚେତନ ହେଲେ ହିଁ ଏକ ସୁନ୍ଦର ଏବଂ ସୁରକ୍ଷିତ ସମାଜ ଗଠନ ସମ୍ଭବ ବୋଲି ଅତିଥି ବୃନ୍ଦ ମତପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଞ୍ଚିବାର ଅଧିକାର ଶିର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶୁମାନ ଚାନ୍ଦ ପ୍ରଥମ, ଅଙ୍କିତା ମିଶ୍ର ଦ୍ୱିତୀୟ ଓ ବିଦିଶା ବଂଶାଳୀ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ । ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଘ, ରଞ୍ଜନ କୁମାର ଭୋଇ ଓ ବେଣୁଧର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

## ଥାନା ବୁଲିଲେ, ପୋଲିସ କାମ ଦେଖିଲେ ବିଦ୍ୟାର୍ଥୀ

**ଡୁଙ୍ଗୁରିପାଲି, ୧୦।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଉଚ୍ଚବିଦ୍ୟାଳୟ ବିଦ୍ୟାର୍ଥୀମାନେ ଶନିବାର ଡୁଙ୍ଗୁରିପାଲି ଥାନା ପରିଦର୍ଶନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମିନିକେତନ ମେହେରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଡୁଙ୍ଗୁରିପାଲି ଥାନା ପରିସରକୁ ପହଞ୍ଚି ଥାନା ପରିଦର୍ଶନ କରିଥିଲେ। ଏହି ଅବସରରେ ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ଏଏସଆଇ ଗ୍ଲୋରିଆ କଣ୍ଡୋଲନା, ମୋହନ ବରିହା, ଶ୍ରୀକୃଷ୍ଣ ସେଠୀ, ସବଇନ୍ସପେକ୍ଟର ଲକ୍ଷ୍ମୀଧରି ପାତ୍ର ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରିବା ସହ ଥାନା ପରିଦର୍ଶନ କରାଇଥିଲେ। ଥାନାରେ ପୋଲିସ କର୍ମଚାରୀ କିପରି କାର୍ଯ୍ୟ ସମ୍ପାଦନା କରିଥାନ୍ତି ଓ ଥାନାକୁ ଆସୁଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣନ୍ତି ସେ ଉପରେ ଥାନା ଅଧିକାରୀ ପିଲାଙ୍କୁ ସୂଚନା ଦେଇଥିଲେ।

## ଶ୍ରୀରାମ ମହାବିଦ୍ୟାଳୟରେ ମାନବ ଅଧିକାର ଦିବସ

**ଡୁଙ୍ଗୁରିପାଲି: ୧୦।୧୨(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟର ଆଇକ୍ୟୁଏସି ତରଫରୁ ଅଧକ୍ଷ ତରଣୀସେନ ବେହେରାଙ୍କ ଅଧକ୍ଷତାରେ ମାନବ ଅଧିକାର ଦିବସ ଶନିବାର ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ଅଧାପକ ଡ଼ଃ ଗୁଣନିଧି ବାରିକ ସଭାର ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ ଅଧାପକ ମଧୁସୂଦନ ରଥ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ଯୋଗେଶ ରାଉତ ମାନବ ଅଧିକାର ଦବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଛାତ୍ରୀ ମଧୁମିତା ସାହୁ, ଲିଜାରାଣୀ ପଧାନ, ଗିରିନନ୍ଦିନୀ ମେହେର, ମେନକା ନାୟକ, ଲିପ୍ସା ସାହୁ, ରୋଜି ନାୟକ, ଲିପି ପଧାନ, ଅଞ୍ଜଳି ଅଦାବର ଛାତ୍ର ଜଗମୋହନ ମିଶ୍ର, ଅଂଶୁମାନ ମେହେର, ମହେଶ ବଡ଼ପଣ୍ଡା ପ୍ରମୁଖ ସାର୍ବଜନୀନ ମାନବିକ ଅଧିକାରର ବିଭିନ୍ନ ଧାରା, ତାର ପ୍ରୟୋଗ ଓ କ୍ଷୁର୍ଣ୍ଣତା ସମ୍ପର୍କରେ ଆଲୋଚନା କରିଥିଲେ।। ଶେଷରେ ଅଧାପକ ଡ ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାନବିକ ଅଧିକାର ଅକ୍ଷୁଣ୍ଣ ପାଇଁ ସରକାର ଯତ୍ନବାନ ହୁଅନ୍ତୁ



ବୀରମହାରାଜପୁର କଲେଜରେ ମାନବ ଅଧିକାର ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

**ଅମରପାଲି,୧୦।୨(ଡି.ଏନ.ଏ)**

**ବୀରମହାରାଜପୁରରେ ବିଶ୍ୱ ମାନବ ଅଧିକାର ଦିବସ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ଓ ମହିଳା କଲେଜରେ ବିଶ୍ୱ ମାନବ ଦିବସ ପାଳିତ ହୋଇଯାଇଛି। ବୀରମହାରାଜପୁର ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଦିବସ ପାଳନ ଅବସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ସେବା କମିଟି ସଭାପତି ତଥା ବରିଷ୍ଠ ସିଭିଲ ବିଚାରପତି ମୋନାଲିସା ପଟ୍ଟନାୟକ ମୁଖ୍ୟଅତିଥିଭାବେଯୋଗ ଦେଇଥିଲେ। ବୀରମହାରାଜପୁର ଏସ୍‌ଡିଜେଏମ ସଙ୍ଘମିତ୍ରା ବିଶ୍ୱାଳ, ଓକିଲ ସଂଘ ସଭାପତି ଜତିନ ପାଣିଗ୍ରାହୀ, ସହକାରୀ ଜିଲାପାଳ ଅଜିତ ମିର୍ଦ୍ଧା, ବରିଷ୍ଠ ଆଇନଜୀବୀ ସନ୍ତୋଷ ଚାନ୍ଦ, ଶଙ୍କର୍ଷଣ ପଣ୍ଡା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଆଶୁତୋଷ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସନ୍ତୋଷ ଚାନ୍ଦ ସଂଯୋଜନା କରିଥିଲେ। ଅତିଥିମାନେ ମାନବାଧିକାର ବିଷୟରେ ଆଲୋକପାତ କରିବା ସହ ବିଭିନ୍ନ ଆଇନ ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

ସେହିପରି ବୀରମହାରାଜପୁର କଲେଜ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ବିଭାଗୀୟ ମୁଖ୍ୟ କୁଞ୍ଜବନ ମେହେର ଅଧକ୍ଷତା କରିଥିଲେ। ଅଧକ୍ଷ ସୁଦାମ ଚରଣ ମେହେର ମୁଖ୍ୟ ଅତିଥି, ଇତିହାସ ବିଭାଗୀୟ ମୁଖ୍ୟ ଡା. ହିମାଂଶୁ ଶେଖର ପାଢ଼ୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଅଧାପକ ବିଜୟ କୁମାର ପୁରୋହିତ ଓ ଅଧାପିକା ବନ୍ଦିତା ବିଶ୍ୱାଳ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅଧିକାର ସାବ୍ୟସ୍ତ ପାଇଁ ସାରା ବିଶ୍ୱରେ ପ୍ରତ୍ୟେକ ନାଗରିକ ତତ୍ପର ଅଛନ୍ତି। ମାନବିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯତ୍ନବାନ ହେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧାପକ ନରେନ୍ଦ୍ର ଝା ସଭା ସଂଯୋଜନା କରିଥିଲେ। ସ୍ମୃତି ରଞ୍ଜନ ଭରାସାଗର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଚନ୍ଦନ କର୍ଣ୍ଣ,କରିନା ଜଗଦଲା,ଝରଣାରାଣୀ ମିଶ୍ର,ଲିପି ନାଗ, କ୍ଷୀରୋଦ କୁମାର ଦନ୍ତ,ଲକ୍ଷ୍ମୀକାନ୍ତ ସାହୁ, ଆରତୀ ବାରିକ, ବିଯୁଟି ସାହୁ, ପ୍ରୀତମ କୁମାର ସାହୁ ପ୍ରବନ୍ଧ ଉପସ୍ଥାପନ କରିଥିଲେ।

## ସୁସ୍ଥ ସମାଜ ପାଇଁ ସୁନ୍ଦର ପରିବେଶ ଆବଶ୍ୟକ

**ଡୁଙ୍ଗୁରିପାଲି, ୧୦।୧୧(ଡି.ଏନ.ଏ.)**

**ସ୍ୱଚ୍ଛତା ସମ୍ବନ୍ଧୀୟ ପୋଷ୍ଟର ପ୍ରତିଯୋଗିତା**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବ୍ଲକସ୍ତରୀୟ ସଚ୍ଛତା ସମ୍ବନ୍ଧୀୟ ପୋଷ୍ଟର ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ବକ୍ତବ୍ୟ ରଖି କହିଥିଲେ ଯେ ସୁସ୍ଥ ସମାଜ ଗଠନ ପାଇଁ ସଚ୍ଛ ଓ ସୁନ୍ଦର ପରିବେଶ ନିତାନ୍ତ ଆବଶ୍ୟକ। ସଚ୍ଛ ପରିବେଶ ଗଠନ ଦିଗରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ପୋଷ୍ଟର ମାଧ୍ୟମରେ ସମାଜକୁ ଉପଯୁକ୍ତ ବାର୍ତ୍ତା ଦେଇ ହେବ ବୋଲି ସେ ମତ ରଖିଥିଲେ। ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳକ ନାରାୟଣ ମେହେର କହିଥିଲେ ଯେ, ସ୍ୱଚ୍ଛ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଭିତରପାର୍ଶ୍ୱ ସହ ବାହାର ପରିବେଶ ପରିଷ୍କାର ରହିବା ଆବଶ୍ୟକ। ଏଥିପାଇଁ ସମାଜର ସବୁ ବର୍ଗର ଲୋକେ ଦାୟିତ୍ୱବାନ ହେବା ଉଚିତ ବୋଲି କହିଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ହରିଶ୍ଚନ୍ଦ୍ର ସୁନା ପାଇଖାନା ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। କୁଷ୍ଠ ଅଧିକାରୀ ପ୍ରଭାସ ଚନ୍ଦ୍ର ପଧାନ ଉପଯୁକ୍ତ ଭାବରେ କିପରି ପୋଷ୍ଟର ତିଆରି କରାଯିବ ଏବଂ ଏହା ମାଧ୍ୟମରେ କିପରି ଲୋକଙ୍କୁ ବାର୍ତ୍ତା ଦେଇହେବ ସେ ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଞ୍ଜୁଲୁ ମିର୍ଦ୍ଧା ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଦାୟିତ୍ୱବାନ ହେଲେ ସୁସ୍ଥ ସମାଜ ଗଠନ କରାଯାଇପାରିବ ବୋଲି ସେ କହିଥିଲେ। ଏହି ପୋଷ୍ଟର ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଖାର ଅଲିଭା ସାହୁ ପ୍ରଥମ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଚିନାଜୁରିର ମାନସୀ ଦଣ୍ଡସେନା ଦ୍ୱିତୀୟ ଓ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ସୁଦାମ ମେହେର ତୃତୀୟ ସ୍ଥାନ ଅର୍ଜନ କରି ପୁରସ୍କାର ଲାଭ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶେଷଦେବ ଥନାପତି ସଂଯୋଜନା କରିଥିଲେ। ସ୍ୱାସ୍ଥ୍ୟକର୍ମୀ ଶଶାଙ୍କ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।



ପୋଷ୍ଟର ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

## ବାଲି ଚୋରାଚାଲାଣ ବେଳେ ୨ ଡମ୍ଫର ଜବତ

**ବରପାଲି,୧୦।୧୨(ଡି.ଏନ.ଏ.)**

ବାଲି ଚୋରାଚାଲାଣ ବେଳେ ବରପାଲି ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ ଚଢ଼ାଉ କରି ୨ଟି ଡମ୍ଫର (ନଂ. ଓଡ଼ି୧୭ଏଚ୍/୪୨୧୭ ଓ ନଂ. ଓଆର୍୧୭ଜି/୯୪୧୭)କୁ ଜବତ କରିଛନ୍ତି। ବରପାଲି ନିକଟ କାଇଁଶିର ଗ୍ରାମ ରାସ୍ତାରେ ଉକ୍ତ ଡମ୍ଫରରେ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଅତିରିକ୍ତ ତହସିଲଦାର ମାଝୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯାଞ୍ଚବେଳେ ଆବଶ୍ୟକ କାଗଜପତ୍ର ନ ଥିବାରୁ ଉକ୍ତ ଦୁଇଟି ଡମ୍ଫରକୁ ସେ ଜବତ କରିଥିଲେ। ତହସିଲ ଅଫିସ ପରିସରରେ ଜବତ ଡମ୍ଫରକୁ ରଖାଯାଇଛି।

## ଅଭିଭାବକ-ଶିକ୍ଷକ ବୈଠକରେ ଗୀତା ପଠନ ପ୍ରତିଯୋଗିତା

**ସୋନପୁର, ୧୦।୧୨(ନି. ପ୍ର )**

ସୋନପୁର ବ୍ଲକ ପ୍ରତାପପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶ୍ରୀମଦ ଭାଗବତ ଗୀତା ପଠନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱେଚ୍ଛାସେବୀ ବିକାଶ ମିଶ୍ର ଏବଂ ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷଣ ମେହେର ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟରେ ପ୍ରତିଦିନ ପ୍ରାର୍ଥନା ସଭାରେ ଗୀତା ପାଠକୁ ପ୍ରସଂସା କରିବା ସହିତ ସମସ୍ତ ଗୀତା ପାଠିକା ପାଠକ ମାନଙ୍କୁ ଉପହାର ସ୍ୱରୂପ ଗୀତା ପୁସ୍ତକ ପ୍ରଦାନ କରିଥିଲେ। ସଭାରେ ଏଲଆରପି, ଆଗାମୀ ପରୀକ୍ଷା, ବାର୍ଷିକ କ୍ରିଡା ପ୍ରତିଯୋଗିତା ଓ ବିଜ୍ଞାନ ମେଳା ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା। ସଭାକାର୍ଯ୍ୟକୁ ଜୁନିୟର ରେଡକ୍ରସ ପରାମର୍ଶକଦାତା ଶିକ୍ଷକ ଗୋପେଶ ପଣ୍ଡା ପରିଚାଳନା କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମହେନ୍ଦ୍ରୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୋନପୁରରେ କାରାଗାର ପ୍ରତିଷ୍ଠା ଦିବସ

**ସୋନପୁର,୧୦।୧୨(ନି.ପ୍ର.)**

ସୋନପୁର ଉପକାରାଗାରରେ କାରାଗାର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି କାରାଗାରର ଅନ୍ତେବାସୀଙ୍କୁ ଏସ୍‌ପି ଏକ କ୍ୟାରମ ବୋର୍ଡ ପ୍ରଦାନ କରିଥିଲେ। କାରାଗାରର ବନ୍ଦୀମାନେ କିଭଳି ନିଜ ଜୀବନକୁ ଠିକ୍ ଭାବେ ଗଢ଼ି ତୋଳିବେ ସେ ନେଇ ଏସ୍‌ପି ପଣ୍ଡା ପରାମର୍ଶ ଦେଇଥିଲେ। କାରାଅଧୀକ୍ଷକ ଡିଲେଶ୍ୱର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିଫ ୱାର୍ଡର ସୁଶାନ୍ତ ସାମଲ, ୱାର୍ଡର ସୁବ୍ରତ ଆଚାର୍ଯ୍ୟ, ଶରତ ମିଶ୍ର, ଆଲୋକ ଷଡଙ୍ଗୀ ଓ ଶାନ୍ତନୁ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଭା ପ୍ରଦର୍ଶନ କଲେ ୧୧୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

**ବିନିକା, ୧୦।୧୨(ଡି.ଏନ.ଏ.)**


ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା କପିଳେଶ୍ୱର ଖେଳପଡିଆରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଅନ୍ତର୍ନିର୍ବେଶି ଶିକ୍ଷା ସଂଯୋଜକ ସଚ୍ଚିଦାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଅନଷ୍ଠିତ ଏହି କ୍ରୀଡ଼ାର କନିଷ୍ଠ ଓ ବରିଷ୍ଠ ବିଭାଗରେ ୧୧୦ ଛାତ୍ରୀଛାତ୍ର ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଖେଳଗୁଡ଼ିକୁ ଶିକ୍ଷକ ଶୁଶିଲ ବାବୁ, ସୁକାନ୍ତ ବାଘ, ହରିଶ୍ଚନ୍ଦ୍ର ମାଝି, ସୁଚିସ୍ମିତା ସେଠୀ ପରିଚାଳନା କରିଥିଲେ। ଶିକ୍ଷା ସାଧନ କର୍ମୀ ଚୌଧୁରୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର କାଲସେ, ସମ୍ମାନିତ ଅତିଥି ସିଆରସିସି ଜୟ ନାରାୟଣ ପୂଜାରୀ, ପ୍ରଧାନଶିକ୍ଷକ ରାମଜୀ ବାବୁ, ଅଶୋକ ବେହେରା, ଖେଳ ଶିକ୍ଷକ ଶେଷଦେବ ହୋତା ଯୋଗଦେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଉଲୁଣ୍ଡା ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

**ଉଲୁଣ୍ଡା, ୧୦।୧୨(ଡି.ଏନ.ଏ.)**


ଧନୁଯାତ୍ରା ମହୋତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ୧୫ତମ ଧନୁଯାତ୍ରା ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହିମାଂଶୁ ଶେଖର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ସତ୍ୟନାରାୟଣ ହୋତା, ସମ୍ମାନିତ ଅତିଥି ଭାବେ ଏସ୍‌ପି ଅମରେଶ ପଣ୍ଡା, ବିଡ଼ିଓ ହେମସାଗର ଭୋଇ, ତହସିଲଦାର ବିପିନ କୁମାର ପଧାନ, ବ୍ଲକ ଅଧକ୍ଷା ସାନ୍ତିଲତା ମିଶ୍ର, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ, ସ୍ଥାନୀୟ ସରପଞ୍ଚ ରଶ୍ମିତା ଭୋଇ ସଭାରେ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି କମଳ ରଞ୍ଜନ ପରିଛା, ଉରୁକ୍ରମ ପାଣ୍ଡିଆ, କୁଶ ବଘାର ଏବଂ ଶୁଭମ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱଜିତ ପାତ୍ର ସଭା ସଂଯୋଜନା କରିଥବା ବେଳେ ସନ୍ତୋଷ ଭୁଲ୍ଲା ଧନ୍ୟବାଦ ଦେଇଥିଲେ। ମଞ୍ଚରେ ସିଂହାନୀପାଲିର ଛୁମକୁଛୁମା ସାଂସ୍କୃତିକ ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଗୋପପୁର ମଣ୍ଡପକୁ ଆୟୋଜକ ସଭାପତି ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ସଂକ୍ଷେପରେ

### କଲେଜରେ ବିଶ୍ୱ ମାନବ ଅଧିକାର ଦିବସ

**କୁଚିଣ୍ଡା,୧୦।୧୨(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ କୁଚୁରାଚୁଆଁ କଲେଜ ଯୁବ ରେଡକ୍ରସ ବିଭାଗ ଓ କୁଚିଣ୍ଡା ଚାଇଲ୍ଡ ଲାଇନର ମିଳିତ ଆନୁକୂଲ୍ୟରେ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଅଧାପକ କୃଷ୍ଣ ଚନ୍ଦ୍ର ପୂଜାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜର ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି,ଚାଇଲ୍ଡ ଲାଇନ ଟିମ୍ ଲିଡର ତୃପ୍ତିମୟୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତ ମାନବଙ୍କ ସମାନ ଅଧିକାର ରହିଛି ବୋଲି କହି ମାନବ ଅଧିକାରର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପକ ସୁଧିର ନାଏକ ଏହି ଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିବା ବେଳେ ଯୁବ ରେଡକ୍ରସ ଦାୟିତ୍ୱରେ ଥିବା ଅଧାପକ ସତ୍ୟ ନାରାୟଣ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧାପିକା ପ୍ରତିମା ନାୟକ ଧନ୍ୟବାଦ ଦେଇଥିଲେ।

### ମା' ତାରିଣୀଙ୍କ ରୌପ୍ୟଜୟନ୍ତୀ ଉତ୍ସବ

**ରେଢ଼ାଖୋଲ,୧୦।୧୨(ଡି.ଏନ.ଏ.):** ରେଢ଼ାଖୋଲ ଏଲ୍ଆଇସି କଲୋନୀସ୍ଥିତ ମା' ତାରିଣୀଙ୍କ ପ୍ରତିଷ୍ଠାର ରୋପ୍ୟଜୟନ୍ତୀ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏ ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଘଣ୍ଟବାଦ୍ୟ, କୀର୍ତ୍ତନ, ଘୁମୁରା ନାଚ, ଦୁଲଦୁଲି ବାଜା ଦଳ ସାମିଲ ହୋଇ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ହୋମଯଜ୍ଞ ସହ ମା' ତାରିଣୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ସିଦ୍ଧାର୍ଥ ପ୍ରଧାନ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ କାହ୍ନା ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜକ ଶିଶିର ମହାପାତ୍ର, ମା' ତାରିଣୀ ପୂଜା କମିଟି ସଭାପତି ଜ୍ଞାନରଞ୍ଜନ ପ୍ରଧାନ, ସମ୍ପାଦକ ସନ୍ଦିପ ଦେହୁରି, କୋଷାଧକ୍ଷ ସୂର୍ଯ୍ୟକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଭଜନସନ୍ଧ୍ୟାରେ କଣ୍ଠଶିଳ୍ପୀ ଇପ୍ସିତା ପଣ୍ଡା, ସ୍ମରଣିକା ନନ୍ଦ ଓ ସାଥିମାନେ ଭଜନ ପରିବେଷଣ କରିଥିଲେ।

### ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ପଡିଆବାହାଲ, ୧୦।୧୨(ଡି.ଏନ.ଏ.):** ବିଶ୍ୱକପ ହକି ପ୍ରତିଯୋଗିତା ପାଇଁ ଜନ ସଚେତନତା ସୃଷ୍ଟି ଏବଂ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି ସକାଶେ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶ ମତେ ଝୁଝୁମୁରା ବ୍ଲକ ଆନୁକୂଲ୍ୟରେ ଶନିବାର ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କଦଳିମୁଣ୍ଡା ଫୁଟବଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଚାରୋଟି ଦଳକୁ ନେଇ ଦିନିକିଆ ଫୁଟ୍‌ବଲ ମ୍ୟାଚ ହୋଇଥିଲା। ଶେଷରେ ଲାଲାମୁନି ଦଳକୁ ହରାଇ ପୁଡାପଡା ଦଳ ଚାମ୍ପିୟନ ହୋଇଥିଲା। ଖୋ ଖୋ ପ୍ରତିଯୋଗିତା ମଧ ହୋଇଥିଲା। ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ୧୫ ଜଣ ଖେଳାଳିଙ୍କୁ ଚିହ୍ନଟ କରାଯାଇଛି। ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ପଞ୍ଚାୟତ ଇଓ ସଞ୍ଜୀବ ପଧାନ, ହୃଷିକେଶ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବାହାମ ଆଦିବାସୀ ହାଇସ୍କୁଲ କ୍ରୀଡା ଶିକ୍ଷୟିତ୍ରୀ ସୁମିତ୍ରା ଛତର, କୋଚ ରଞ୍ଜନ କୁମାର ନାୟକ, ଜୟଦୁର୍ଗା ଉଚ୍ଚମାଧମିକ ବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ନାୟକ ପ୍ରତିଯୋଗିତା ପରିଚାଳନା କରିଥିଲେ।

# କୁକୁଡ଼ାପାଲିରେ ଇଥାନଲ କାରଖାନା ପ୍ରସ୍ତାବ

## ବଢୁଛି ଲୋକଙ୍କ ବିରୋଧ, ଅସନ୍ତୋଷ

**ସମ୍ବଲପୁର,୧୦।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ତହସିଲ କୁକୁଡାପାଲି ପଞ୍ଚାୟତରେ ଏକ ଇଥାନଲ କାରଖାନା ଖୋଲିବାକୁ ଯୋଜନା କରାଯାଇଛି। ଅଞ୍ଚଳରେ ଏହାକୁ ନେଇ ବିରୋଧ ଓ ଅସନ୍ତୋଷ ଦେଖାଦେଇଛି। ଏକ ଗ୍ରାମରେ ଆୟୋଜିତ ସଭାରେ ଜଣେ ନେତାଙ୍କ ସମର୍ଥକ ଏହି କାରଖାନା ଖୋଲିବା ନେଇ ପଞ୍ଚାୟତ ପକ୍ଷରୁ ପ୍ରସ୍ତାବ ଆଗତ କରିଥିଲେ। ହେଲେ ଲୋକଙ୍କ ବିରୋଧର ଶିକାର ହୋଇ ଫେରିଯାଇଥିଲେ। ହେଲେ କମ୍ପାନୀ ମାଲିକ ସ୍ଥାନୀୟ କିଛି ନେତା ଓ ଲୋକଙ୍କ ସହ ସଲାସୁତୁରା କରି କମ୍ପାନୀ ପାଇଁ ପଞ୍ଚାୟତରୁ ଅନୁମତି ହାତେଇବାକୁ ଉଦ୍ୟମ ଚଳାଇଛନ୍ତି। ଚାକିରି ଦେବା, ସ୍ଥାନୀୟ ରୋଜଗାର ସୃଷ୍ଟି ହେବା କହି ସାଧାରଣ ଜନତାକୁ ଭୂଆଁ ବୁଲାଉଛନ୍ତି। ଏ ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ଆଲୋଚନା ହେଉଛି। ଯାହା ହେଲେ ମଧ କମ୍ପାନୀକୁ ବିରୋଧ କରାଯିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ କ୍ରମେ ନିକଟସ୍ଥ ପଞ୍ଚାୟତରେ ଏହି କମ୍ପାନୀ କରିବାକୁ ଯୋଜନା କରାଯାଇଥିଲା। ସେଠାରେ ଭିତ୍ତିଭୂମି ନିର୍ମାଣ କାମ ଅଧାପନ୍ତରିଆ ହୋଇଛି। ହେଲେ କୌଣସି କାରଣରୁ ଏହା ଏବେ ବନ୍ଦ ହୋଇଯାଇଥିବା ଶୁଣାଯାଉଛି। ତେଣୁ କମ୍ପାନୀ ମାଲିକ କୁକୁଡାପାଲି ପଞ୍ଚାୟତ କୁକୁଡାପାଲି ମୌଜାରେ ଜମି କିଣିଛନ୍ତି। ଲୋକଙ୍କଠାରୁ ପ୍ରାୟ ୩୦ ଏକରରୁ ଊର୍ଦ୍ଧ୍ୱ ଜମି କିଣିବା ପରେ ଏବେ ପରିବେଶ ମଞ୍ଜୁରୀ ଓ ସ୍ଥାନୀୟ ପଞ୍ଚାୟତରୁ ଏନ୍‌ଓସି ପାଇଁ ଯୋଜନା କରାଯାଉଛି। ଏହି ପ୍ଲାଣ୍ଟ ହେଲେ ଅଞ୍ଚଳରେ ପ୍ରଦୂଷଣ ବଢିବା ସାଙ୍ଗକୁ ଲୋକଙ୍କୁ କ୍ୟାନସର ଓ ଅନ୍ୟାନ ରୋଗ ହେବାର ଭୟ ରହୁଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସରକାର ଚିନ୍ତା କରି ଏହି ପ୍ରସ୍ତାବିତ କାରଖାନା ପାଇଁ ଅନୁମତି ନ ଦେବାକୁ ଦାବି ହେଉଛି। ଅନ୍ୟପଟେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର ଶାଖା ଅଧିକାରୀ ସତ୍ୟନାରାୟଣ ନନ୍ଦ କହିଛନ୍ତି, ସମ୍ବଲପୁର ଜିଲାର ପରମାଣପୁରଠାରେ ଏକ ଇଥାନଲ ପ୍ରକଳ୍ପ ଖୋଲିବା ପାଇଁ ପରିବେଶ ମଞ୍ଜୁରୀ ଦିଆଯାଇଥିଲା। ହେଲେ ଅନ୍ୟ ସ୍ଥାନରେ କମ୍ପାନୀ ଖୋଲିବା ପାଇଁ ଆବେଦନ ହୋଇ ନାହିଁ। ଆବେଦନ ପରେ ସମସ୍ତ ପ୍ରକାର ନିୟମାବଳି ଦେଖାଯାଇ ଅନୁମତି ଦିଆଯିବ ବୋଲି କହିଥିଲେ। କୁକୁଡାପାଲି ସରପଞ୍ଚ ଗୀତାଞ୍ଜଳି ଦେହୁରି କହିଛନ୍ତି, ସମଲେଇ ବାୟୋଫୁଏଲ ନାମକ କମ୍ପାନୀ ଏନ୍‌ଓସି ପାଇଁ ଆବେଦନ କରିଛି। ହେଲେ ପଞ୍ଚାୟତବାସୀଙ୍କ ହିତ ଓ ସେମାନଙ୍କ ମତାମତ ନେଇ ଏନ୍‌ଓସି ଉପରେ ବିଚାର କରାଯିବ ବୋଲି କହିଥିଲେ।

# ବୁର୍ଲା ଡିଏଭି ସ୍କୁଲରେ ଖାଦ୍ୟ ମେଳା



ଆୟୋଜିତ ମେଳାକୁ ଅତିଥିମାନେ ବୁଲି ଦେଖୁଛନ୍ତି।

**ସମ୍ବଲପୁର,୧୦।୧୨(ବ୍ୟୁରୋ)**

ଟେଷ୍ଟଟୋ ପେଡିଆ (ଖାଦ୍ୟ ମେଳା) ଓ ବୁକ୍ସ ଏକ୍ସପୋ (ପୁସ୍ତକ ମେଳା) ବୁର୍ଲା ଡିଏଭି ବିଦ୍ୟାଳୟ ପରିସରରେ ଶନିବାର ଆରମ୍ଭ ହୋଇଛି। ବିଦ୍ୟାଳୟ ଅଧକ୍ଷା ରଶ୍ମି ମିଶ୍ର ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଖାଦ୍ୟ ମେଳାରେ ନବମ ଓ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଏଥିରେ ମୋଟ ୩୨ଟି ଷ୍ଟଲ ରହିଥିଲା। ସେହିପରି ବିଦ୍ୟାଳୟ ପକ୍ଷରୁ ପୁସ୍ତକ ମେଳା ପ୍ରଦର୍ଶିତ ହୋଇଥିଲା। ବହୁ ପ୍ରତିଷ୍ଠିତ ଲେଖକମାନଙ୍କ ପୁସ୍ତକକୁ ଛାତ୍ରୀଛାତ୍ର ବୁଲି ଦେଖିଥିଲେ।

# ଝୁଝୁମୁରା ବ୍ଲକସ୍ତରୀୟ ବିଜ୍ଞାନ ମେଳା



ବିଜ୍ଞାନମେଳାରେ ଅତିଥି ଓ ଛାତ୍ରୀଛାତ୍ର।

**ସମ୍ବଲପୁର,୧୦।୧୨(ବ୍ୟୁରୋ)**

ଝୁଝୁମୁରା ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଶନିବାର ଝୁଝୁମୁରା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସବ୍‌ଜୁନିୟରରେ ୩୪, ଜୁନିୟରରେ ୭୯ ଓ ସିନିୟରରେ ୪୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ଉଜାଗର ପ୍ରଧାନ ପରିଚାଳନାରେ ପ୍ରତିଯୋଗିତା ହୋଇଥିଲା। ଶିକ୍ଷାବିତ୍ ଡ. ସନ୍ତୋଷ କୁମାର ଦାସ ମୁଖ୍ୟଅତିଥି, ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ପାର୍ଥସାରଥି ପ୍ରଧାନ ମୁଖ୍ୟବକ୍ତା ଓ ସ୍ଥାନୀୟ ସରପଞ୍ଚ ବାସନ୍ତି ପ୍ରଧାନ, ସମିତି ସଭ୍ୟ ଜୟନ୍ତ ପ୍ରଧାନ, ମୋ ସ୍କୁଲ ଅଭିଯାନ ସଭାପତି ଦିବ୍ୟକିଶୋର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ. ଦେବାଶିଷ ମହାପାତ୍ର, ଡ. ସୂର୍ଯ୍ୟନାରାୟଣ ପ୍ରଧାନ, ଉମାକାନ୍ତ ସାହୁ, କୃଷ୍ଣଚନ୍ଦ୍ର ବଢାଇ ବିଚାରକ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଝୁଝୁମୁରା ବ୍ଲକ ଅଧକ୍ଷା ମମତା ନାଏକ ମୁଖ୍ୟଅତିଥି, ଜିଲାପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ଜିଲା ପରିଷଦ ସଭ୍ୟ କବିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନ ସ୍ୱାଗତ ଭାଷଣ, ବିଆର୍‌ସିସି ବିକାଶ ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ଧର୍ମ ହେଉଛି ଜୀବନ-ମରଣର ପ୍ରକ୍ରିୟା'

**ଜମନକିରା,୧୦।୧୨(ଡି.ଏନ.ଏ.)**

ସ୍ଥାନୀୟ ଜମନକିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଗଙ୍ଗାଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ବିକାଶ କଲେ ଜୀବନରେ ଉନ୍ନତି ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରଷିକୂଲ୍ୟା ଆଶ୍ରମ ଆଠଗାଁ ଅଧକ୍ଷ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରିଜୀ ମହାରାଜ ଯୋଗଦେଇ ଧର୍ମ ହେଉଛି ଜୀବନ-ମରଣର ପ୍ରକ୍ରିୟା। ସମସ୍ତ ବ୍ୟବସ୍ଥାର ମୂଳ ହେଉଛି ମେରୁଦଣ୍ଡ। ସବୁ ବ୍ୟବସ୍ଥାରେ ମେରୁଦଣ୍ଡ ଯଦି ଠିକ ଅଛି ସବୁ କାର୍ଯ୍ୟ ଠିକ୍‌ରେ ଚାଲିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜମନକିରା ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ସ୍କୁଲ ପରିଚାଳନା କମିଟି ସମ୍ପାଦକ ନାରାୟଣ ସାହୁ, ସାମାଜିକ କର୍ମୀ ଆଦି ପ୍ରସାଦ ମହାକୁଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରଲି ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଶେଷରେ ଗୁରୁମା ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ମାନବ ଅଧିକାର ଦିବସ

**ଝାରସୁଗୁଡ଼ା ଅଫିସ,୧୦।୧୨**

ଝାରସୁଗୁଡ଼ା ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସୋମବାର ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଇନସେବା ପ୍ରାଧିକରଣ ସଚିବ ନେହା ଦାସଙ୍କ ଅଧକ୍ଷତାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବଡ଼ମାଲଠାରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଦିବସ ପାଳନର ଉଦ୍ଦେଶ୍ୟ, ସବୁ ବର୍ଗର ଲୋକମାନଙ୍କ ଅଧିକାର, ପ୍ରାଧିକରଣର ମାଗଣା ଆଇନ ସେବା ଓ ପରାମର୍ଶ, ଆପୋସ ବୁଝାମଣା ଓ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ପରେ ପ୍ରାଧିକରଣ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାଧିକରଣର ଆଇନଜୀବୀ ଅଶୋକ କୁମାର ପାଟଯୋଶୀ ଯୋଗଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମିଶ୍ର ଓ ସାକ୍ଷରତା କ୍ଲବ ଭାରପ୍ରାପ୍ତ ଶିକ୍ଷକ କୃଷ୍ଣ ଦାସ ସାହୁ ସହଯୋଗ କରିଥିଲେ।

# ଟ୍ରାକ୍ଟର ଓଲଟି ଜଣେ ମୃତ: କ୍ଷତିପୂରଣ ଦାବିରେ ଆନ୍ଦୋଳନ

**ଝାରସୁଗୁଡ଼ା ଅଫିସ,୧୦।୧୨**

ଲଖନପୁର ବ୍ଲକ ଚାରପାଲି ପଞ୍ଚାୟତ ଧୁଲୁଣ୍ଡା ଗ୍ରାମରେ ଶନିବାର ଏକ ଟ୍ରାକ୍ଟର ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର କଷ୍ଟ ସୁନା (୪୬)। ଏଥିରେ ଗ୍ରାମର କ୍ଷୀତେଶ୍ୱର ସୁନା (୪୫) ଗୁରୁତର ହୋଇଛନ୍ତି।

ସୂଚନା ଅନୁସାରେ ଧୁଲୁଣ୍ଡା ଗ୍ରାମର ଜଣେ ମାଲିକଙ୍କ ଟ୍ରାକ୍ଟରରେ କଷ୍ଟ ଓ କ୍ଷୀତେଶ୍ୱର ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଶନିବାର ସେମାନେ ଟ୍ରାକ୍ଟର ଯୋଗେ ଚାଷ ଜମିରୁ ପାଳ ଆଣୁଥିଲେ। ଟ୍ରାକ୍ଟରଟି ବାଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟର ଡାଲାରେ ବସିଥିବା କଷ୍ଟ ଚାପି ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। କ୍ଷୀତେଶ୍ୱର ଛିଟିକି ପଡି ଗୁରୁତର ହୋଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଟ୍ରାକ୍ଟର ମାଲିକଙ୍କଠାରୁ ୧୫ ଲକ୍ଷ ଟଙ୍କା ସହାୟତା ଦାବି କରି ମୃତଦେହ ଉଠାଇ ଦେବୁନାହିଁ କହି ଘଟଣାସ୍ଥଳରେ ଧାରଣା ଦେଇଛନ୍ତି। ଖବର ପାଇ ରେଙ୍ଗାଲି ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ଖବର ଲେଖାହେବା ପର୍ଯ୍ୟନ୍ତ ସେମାନେ ନିଜ ଜିଦରେ ଅଟଳ ରହିଛନ୍ତି। ଅନ୍ୟପକ୍ଷେ ପୂର୍ବରୁ ମୃତ କଷ୍ଟଙ୍କ ମା'ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ବର୍ଷେ ପୂର୍ବେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ ତାଙ୍କର ୧୫ ବର୍ଷର ଝିଅ, ୯ ବର୍ଷର ପୁଅ ଓ ୭ ବର୍ଷର ପୁଅ ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି।

# ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ର ସାମ୍ମୁଖ୍ୟର ବିକ୍ଷୋଭ

**ଝାରସୁଗୁଡ଼ା ଅଫିସ, ୧୦।୧୨**

ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଓ ପିଜି ପାଠ୍ୟକ୍ରମ ଖୋଲିବା, ୧୯ ଖଣ୍ଡ ମୌଜାରେ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟ ସ୍ଥାପନ ଦାବିରେ ଆନ୍ଦୋଳନ ତେଜିବାରେ ଲାଗିଛି। ଶୁକ୍ରବାର ଜିଲା ଛାତ୍ର ସାମ୍ମୁଖ୍ୟର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ସ୍ୱରୂପ କିଷାନ ଓ ଅଜୟ ବିଶ୍ୱାଳଙ୍କ ନେତୃତ୍ୱରେ କୋଲାବିରା ମହାବିଦ୍ୟାଳୟ ଫାଟକ ସମ୍ମୁଖରୁ ଶୋଭାଯାତ୍ରା ବାହାରିଥିଲା। ସ୍ୱାଧୀନତା ସଂଗ୍ରାମୀ କରୁଣାକର ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ଅବହେଳାକୁ ସମାଲୋଚନା କରାଯାଇଥିଲା। ୨ମାସ ତଳେ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଛାତ୍ର ସାମ୍ମୁଖ୍ୟ କର୍ମକର୍ତ୍ତା ଶିକ୍ଷାମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଏଥିରେ ଜିଲା ଛାତ୍ରସାମ୍ମୁଖ୍ୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, ସହସଂଯୋଜକ ଅସୀମ ପଟେଲ, ରବି ରୋହିଦାସ, ନନ୍ଦୁ ରୋହିଦାସ, ଛାତ୍ରୀ ଶିବାନୀ କରାଳ, ପୁଷ୍ପାଞ୍ଜଳି ଚାରଦିଆ, ଭାଗ୍ୟବତୀ ଓରାମ, ରିୟା ସିଂ, ପୂଜା ମରେଇ ପ୍ରମୁଖ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।

## ସରସ୍ୱତୀ ଶିଶୁମନ୍ଦିରରେ ବାର୍ଷିକ କ୍ରୀଡ଼ା

**ସମ୍ବଲପୁର,୧୦।୧୨(ବ୍ୟୁରୋ)**

ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଫୁଟ୍‌ବଲ ଖେଳାଳି ବେଣିରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନ କମିଟି ସଭାପତି ଡ. ଉତ୍ତମ କୁମାର ପ୍ରଧାନଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢୀ ସ୍ୱାଗତ ଭାଷଣ ଓ ସମ୍ପାଦକ ହେମାଞ୍ଚଳ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହ ପ୍ରଧାନ ଅଚାର୍ଯ୍ୟ ପିତାମ୍ବର ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା

**ସମ୍ବଲପୁର,୧୦।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଲଡ ସରପଞ୍ଚ ସତ୍ୟନାରାୟଣ ମହାନନ୍ଦ, ଡାକ୍ତର ସନ୍ତୋଷ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ମୁଖ୍ୟଅତିଥି, ଏବିଇଓ ମହେନ୍ଦ୍ର ବାଗ, ରଙ୍ଗୋଲଇ ସମିତି ସଭ୍ୟ ଅଶ୍ୱିନୀ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଜୀବ ମିଶ୍ର ସ୍ୱାଗତ ଭାଷଣ, ପ୍ରଧାନ ଆଚାର୍ଯ୍ୟା ସଞ୍ଜୁଲତା ସାହୁ ଅତିଥି ପରିଚୟ ଦେଇଥିଲେ।

# ପଢୁଥିବା ସ୍କୁଲରେ ପ୍ରଫେସର ଅଯୋଧା ନାୟକଙ୍କୁ ସମ୍ବର୍ଦ୍ଧନା



ଶୋଭାଯାତ୍ରାରେ ଅଯୋଧାଙ୍କୁ ନିଆଯାଉଛି ।

**ସମ୍ବଲପୁର,୧୦।୧୨(ବ୍ୟୁରୋ)**

ଅବସରପ୍ରାପ୍ତ ବାଣିଜ୍ୟ ବିଭାଗର ପ୍ରଫେସର ତଥା ଡେପୁଟି ଡାଇରେକ୍ଟର ଅଯୋଧା ପ୍ରସାଦ ନାୟକ ଜୀବନବ୍ୟାପି ସାଧନା ସମ୍ମାନରେ ସମ୍ମାନିତ ହେବା ପରେ ତାଙ୍କ ନିଜସ୍ୱ ଗ୍ରାମରେ ଶନିବାର ସ୍ୱାଗତ କରାଯାଇଛି। ଝୁଝୁମୁରା ବ୍ଲକ କୁକୁଡାପାଲି ପଞ୍ଚାୟତରେ ପଢୁଥିବା ସ୍କୁଲକୁ ସେ ଯାଇଥିବାବେଳେ ସେଠାରେ ସରପଞ୍ଚ ଗୀତାଞ୍ଜଳି ଦେହୁରିଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସହପାଠୀ, ଛାତ୍ରୀଛାତ୍ର ତାଙ୍କୁ ସ୍ୱାଗତ କରିଥିଲେ। ସ୍କୁଲରେ ଆୟୋଜିତ ସଭାରେ ସେ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ମୋଟରଯାନ ଶିକ୍ଷାନବିସ ପରୀକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ,୧୦।୧୨**

ଝାରସୁଗୁଡାରେ ନୂତନ ଭାବେ ମୋଟରଯାନ ଶିକ୍ଷା ନବିଶଙ୍କ ପରୀକ୍ଷଣ କେନ୍ଦ୍ର ଆରମ୍ଭ ହୋଇଛି। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏହି କେନ୍ଦ୍ରକୁ ଜିଲାପାଳ ସରୋଜ କୁମାର ସାମଲ ଉଦ୍‌ଘାଟନ କରିଛନ୍ତି। ମୋଟରଯାନ ଚାଳନା ପାଇଁ ଆଗ୍ରହୀ ଶିକ୍ଷାର୍ଥୀଙ୍କୁ ନିୟମ ସମ୍ପର୍କରେ ଅବଗତ କରାଇବା ସହ ଉପଯୁକ୍ତ ଯାଞ୍ଚ ପୂର୍ବକ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଏହି ବ୍ୟବସ୍ଥା କରିଛନ୍ତି। ଏନେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠି କହିଛନ୍ତି, ଲୋକେ ଲାଇସେନ୍ସ ପରୀକ୍ଷଣ ପାଇଁ ଆରଟିଓଙ୍କ କାଯ୍ୟାଳୟକୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିଲେ। ଏହି ବ୍ୟବସ୍ଥାରେ ଲୋକେ ଏହାର ସୁବିଧା ପାଇପାରିବେ। କାର୍ଯ୍ୟକ୍ରମରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଏମ୍‌ଭିଆଇ ଲୋକନାଥ ମେହେର,ଏଆରଟିଓ ସ୍ୱହା ହାମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ 'ଉତ୍ସାହ'

**ଝାରସୁଗୁଡ଼ା ଅଫିସ/ବେଲପାହାଡ,୧୦।୧୨**

ବେଲପାହାଡ ଠକ୍କର ବାପା ସେବା ସଦନ ଶିଶୁ ଯତ୍ନ ଅନୁଷ୍ଠାନଠାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ 'ଉତ୍ସାହ' ୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠକ୍କର ବାପା ସେବା ସଦନ ଓ ମେରସି ମେମୋରିଆଲ ଚିଲଡ୍ରେନ ହୋମ ବ୍ରଜରାଜନଗରରୁ ୪୦ରୁ ଊର୍ଦ୍ଧ୍ୱ ଶିଶୁ ଭାଗ ନେଇଥିଲେ। ଉଭୟ ବାଳକ ଓ ବାଳିକା ବର୍ଗରେ ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଚେସ ଆଦି ପ୍ରତିଯୋଗିତା ହୋଇଥିଲା। ଜିଏଲ୍ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ତ୍ରିଲୋଚନ କାଣ୍ଡରା ଓ ବେଲପାହାଡ ମହାବିଦ୍ୟାଳୟ କ୍ରୀଡା ଅଧାପକ ହେମନ୍ତ ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବେଲପାହାଡ ମୁନିସିପାଲିଟିର ଉପନଗରପାଳ ରୀନା ସୁନା, ଜିଲା ରେଫେରି ସଂଗଠନ ସଦସ୍ୟ ଗିରି ସୁନ୍ଦର ଜୟପୁରିଆ, ଠକର ବାପା ସେବା ସଦନ ସମ୍ପାଦକ ନିରାକାର କିଷାନ, ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟା ଅହଲ୍ୟା ନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ୧୬ରୁ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ

**ସମ୍ବଲପୁର,୧୦।୧୨(ବ୍ୟୁରୋ)**

ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ହେବ। ତିନିଦିନ ବ୍ୟାପୀ ହେବାକୁ ଥିବା ଉତ୍ସବରେ ହିନ୍ଦୀ, ଓଡିଆ, ବଙ୍ଗଳା ଓ ସମ୍ବଲପୁରୀ ନାଟକ ମଞ୍ଚସ୍ଥ ହେବ। ଶନିବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଶ୍ରୀକଲଚରାଲ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ବେହେରା ଏହା କହିଛନ୍ତି। ସେ କହିଥିଲେ, ଉଦ୍‌ଘାଟନୀ ସନ୍ଧ୍ୟାରେ ଏକକ ଚରିତ୍ର ଅଭିନୀତ ହିନ୍ଦୀ ନାଟକ ଇଲା ଦିଦି ମଞ୍ଚସ୍ଥ ହେବ। ଏହାକୁ କଲିକତା ଆମତା ପରିଚୟ ଅନୁଷ୍ଠାନ ପରିବେଷଣ କରିବ। ନାଟକକୁ ଋତୁପର୍ଣ୍ଣା ବିଶ୍ୱାସ ରଚନା କରିଥିବାବେଳେ ଶୁଭେନ୍ଦୁ ଭଣ୍ଡାରୀ ନିର୍ଦ୍ଦେଶନା ଦେଇଛନ୍ତି। ସେହିପରି ଭୁବନେଶ୍ୱର କଳାକାରମାନେ ହର ବରିକଙ୍କ ରଚିତ ଓ ହରେନ ସାହୁଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ ଅବସର ପରିବେଷଣ କରିବେ। ୧୭ରେ ବଙ୍ଗଳା ନାଟକ ନୱାବ, ୧୮ରେ ସମ୍ବଲପୁରୀ ନାଟକ ତ୍ରିଶଙ୍କୁ ମଞ୍ଚସ୍ଥ ହେବ। ନାଟକରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଚଳିତବର୍ଷ ଭୁବନେଶ୍ୱର ବାସିନ୍ଦା ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କୁ ଶ୍ରୀନାଟ୍ୟ ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ଏଥିସହ ଭବାନୀପାଟଣାର ଅଭିନେତା ଶୁଭେନ୍ଦୁ ମହାପାତ୍ରଙ୍କୁ ନାଟ୍ୟଶ୍ରୀ ପଞ୍ଚାନନ ମିଶ୍ର ସ୍ମୃତି ସମ୍ମାନ ଓ ସମ୍ବଲପୁରର ଅଭିନେତ୍ରୀ ମୀନା ବୋଷଙ୍କୁ ସାଧନା ସ୍ମୃତି ସମ୍ମାନ ଦିଆଯିବ। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ଡ. ଶ୍ୟାମସୁନ୍ଦର ଧର, ଡ.ବିଜୟ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ହୋତା, ସୁଶାନ୍ତ କୁମାର ପୁରୋହିତ, ଦିଲୀପ ଦେବ ପ୍ରମୁଖ ଉପସ୍ଥିତ ଥିଲେ ।




ଜାତୀୟ ନାଟ୍ୟ ଉତ୍ସବ ସମ୍ପର୍କରେ କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

